# TETRAHEDRON

## RESIDENTIAL COACHING FOR NEET & JEE

**Tangi,Cuttack, For Admission Contact : 8093064522, 8093064525,9040363480,7008222977**

| Name | Mob. | Score |
|---|---|---|
| Priti Paramita Prusty | 8260876952 | 650/720 |
| Smruti Ranjan Patri | 7978611374 | 650/720 |
| Paresh Singh | 7978663327 | 650/720 |
| Sanjeeb Ku. Jena | 8658284937 | 649/720 |
| Dibyaranjan Sahoo | 8984117752 | 649/720 |
| Sanghamitra Nayak | 7205839872 | 647/720 |
| Priyabrata Behera | 7751039100 | 646/720 |
| Saswati Pradhan | 9938978585 | 646/720 |
| Priyanka Giri | 8327773796 | 645/720 |
| Rudra Narayan Nanda | 8249569211 | 645/720 |
| Asish Ku. Jena | 9348161859 | 645/720 |
| Ashutosh Pal | 8018668664 | 643/720 |
| Amaresh Ku. Satapathy | 7077202009 | 640/720 |
| Ankita Sahoo | 7846946454 | 640/720 |
| Anshuman P. Sahoo | 7847064075 | 640/720 |
| Gyana Ranjan Behera | 8984012686 | 640/720 |
| Rahul Rout | 7653898338 | 640/720 |
| Aditya Kishore Sahoo | 9438213231 | 640/720 |
| Ritikesh Nayak | 9938656083 | 640/720 |
| Abhipsa Jena | 9178812353 | 639/720 |
| Manaswini Mahanta | 6371584439 | 639/720 |
| Soumya Ranjan Rout | 9853490176 | 639/720 |
| Smruti Ranjan Behera | 7064195954 | 638/720 |
| Gayatri Samal | 9205434830 | 637/720 |
| Sovna Mishra | 9437121967 | 636/720 |
| Abhisek Swain | 9692354875 | 635/720 |
| Aditya Narayan Sarangi | 7735008592 | 635/720 |
| Dona Sahoo | 9937680198 | 633/720 |
| Sunilata Paramanik | 7894010960 | 632/720 |
| Binapani Panda | 6371448781 | 630/720 |
| Jayashree Nayak | 8260507634 | 630/720 |
| Panthika Samal | 9337424271 | 630/720 |
| Suchismita Sahoo | 8279230285 | 630/720 |
| Swaraj Mishra | 9938350460 | 630/720 |
| Pratyasha Satapathy | 9777608592 | 629/720 |
| Aditya Ku. Jena | 9827855549 | 628/720 |
| Ira Mohanty | 9938174925 | 626/720 |
| Jagadish Sundaray | 9556371124 | 626/720 |
| Prabhuraj Jena | 7978718764 | 625/720 |
| Pranab Ku. Rout | 9238484011 | 625/720 |
| Subhranshu Sethy | 7008521684 | 625/720 |
| Sourav Pradhan | 7377362643 | 625/720 |
| Abhisek Pradhan | 8018452991 | 625/720 |
| Subhashree P. Jena | 9438176401 | 625/720 |
| Omkar Punyasloka | 7978990814 | 621/720 |
| Amit Anshuman Panda | 8260552053 | 620/720 |
| Pally Pri. Bhuyan | 9853419350 | 620/720 |
| Sonali Nayak | 8249476208 | 620/720 |
| Soubhagya Ranjan | 9692767335 | 620/720 |
| Harapriya Das | 8280412269 | 620/720 |
| Pradipta Ku. Samal | 8260148481 | 619/720 |
| Saumya Sekhar | 8260559869 | 617/720 |
| Debasmita Panda | 8018428224 | 616/720 |
| Satyaranjan Dutta | 7847940518 | 616/720 |
| Ramakrishna Biswal | 7684000422 | 615/720 |
| Sahil Saswat Swain | 7853851833 | 615/720 |
| Subhalaxmi Panda | 7205291154 | 615/720 |
| Swarnaprabha Parida | 9583576551 | 615/720 |
| Upasana Nayak | 7606035599 | 614/720 |
| Mitramonalisha Kar | 9437080953 | 614/720 |
| Manisha Dhal | 8984037711 | 613/720 |
| Biswarupa Acharya | 6371780995 | 612/720 |
| Dibyasek Sethy | 8260310450 | 612/720 |
| Rudrajeet Samal | 8249259790 | 612/720 |
| Anupama Barik | 8260543757 | 611/720 |
| Abhipsa Das | 9777415617 | 610/720 |
| Swaraj Swain | 6372514243 | 610/720 |
| Ayushman Satapathy | 8984563421 | 610/720 |
| Bibhu Asis Pati | 7894666914 | 610/720 |
| Kunal Bagh | 7978002776 | 610/720 |
| Subhransu Mallik | 8984764751 | 610/720 |
| Medhashree Das | 9668560885 | 607/720 |
| Tanmaya Ku.Biswal | 8144015093 | 606/720 |
| Deepankar Satapathy | 8280227149 | 605/720 |
| Jagyaseni Sahoo | 9861162663 | 605/720 |
| Rojalin Panigrahi | 8895265664 | 605/720 |
| Sadhana Parida | 9777988782 | 605/720 |
| Subhajeet Nayak | 8144966408 | 605/720 |
| Anil Ch. Patra | 8249590800 | 600/720 |
| Debasmita Sahoo(ESIC) | 9778089209 | 600/720 |
| Pratikshya Patra(SGS) | 8895770054 | 600/720 |
| Pratikshya (SGS) | 9178163921 | 590/720 |
| Rupali(SC) | 8984713671 | 580/720 |
| Subhashree(ESIC) | 9439003463 | 580/720 |
| S.Suvenka(SC) | 8144115130 | 575/720 |
| Baishnabi(ESIC) | 9439219033 | 567/720 |
| Nikhil (SC) | 7735428276 | 561/720 |
| Chintu(SC) | 8260345704 | 560/720 |
| Pallavi(SC) | 8327753620 | 557/720 |
| Ratish (SC) | 7978517115 | 550/720 |
| Ganga (SC) | 9556587033 | 541/720 |
| Prachi Pri(SC) | 9937978296 | 522/720 |
| S. Mallick(SC) | 9178426437 | 512/720 |
| Prativa(SC) | 9937978296 | 510/720 |
| Sonali (SC) | 6371635236 | 510/720 |
| Sarmistha(SC) | 9438673135 | 503/720 |
| Barsha(SC) | 8144403589 | 502/720 |

Tetrahedron Tangi Tetrahedrongroup, www.tetrahedroncoaching.com

## ସଂକ୍ଷେପରେ

### ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କାକଟପୁର,୨୦।୫(ଶୁଭଦର୍ଶନ ମିଶ୍ର)

କାକଟପୁର ବ୍ଲକ ଅଧୀନ ଅଶିଜଙ୍ଗା ଗ୍ରାମର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷକ ନେତା ମାଧବାନନ୍ଦ ବେହେରା(୭୮)ଙ୍କ ରବିବାର କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ ଗତ ୮ ମାସ ହେବ ମସ୍ତିଷ୍କ ଆଘାତ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ବେହେରା ଚାକିରିକାଳ ମଧ୍ୟରେ ଛାତ୍ରୀଛାତ୍ରଙ୍କ ଅତିପ୍ରିୟ ଶିକ୍ଷକ ଥିଲେ। ବାଙ୍ଗୁରୀ ଗାଁ ପଞ୍ଚାୟତରେ ୨୦୦୬ରୁ ଚାକିରିରୁ ଅବସର ନେବା ପରେ ସାଧାରଣ ଲୋକଙ୍କ ସେବାରେ ନିଜକୁ ସମର୍ପଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କାକଟପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ, ଯୁବନେତା ସୌମ୍ୟକାନ୍ତ ଖୁଣ୍ଟିଆ, କାକଟପୁର ପ୍ରେସ୍ କ୍ଲବ ସଭାପତି କମଳଲୋଚନ ଦୀକ୍ଷିତ, ଏମ୍‌ପି ପ୍ରତିନିଧି ଜ୍ଞାନରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ କାଦମ୍ବରୀ ବେହେରା, ଜ୍ୟେଷ୍ଠପୁତ୍ର ନୃସିଂହ, କନିଷ୍ଠ ପୁତ୍ର ଶେଷଦେବ, ପୁତ୍ରବଧୂ, ରୋଜାଲିନ, ଲିପା, ଝିଅ, ଜ୍ୱାଇଁ, ନାତି ନାତୁଣୀ ଏବଂ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ଏକ ବିରାଟ ପଟୁଆରରେ ପଞ୍ଚାୟତ ପରିକ୍ରମା କରାଯାଇ ଗ୍ରାମ୍ୟ ଶ୍ମଶାନରେ ସତ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ନୃସିଂହ ମୁଖାଗ୍ନି ଦେଇଥିଲେ।

### 'ନିମାପଡ଼ାର ବହୁବିଧ ସମସ୍ୟାର ସମାଧାନ ସିଦ୍ଧାର୍ଥଙ୍କ ମୂଳମନ୍ତ୍ର'

ନିମାପଡ଼ା,୨୦।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ନିର୍ବାଚନମଣ୍ଡଳୀରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ବହୁବିଧ ସମସ୍ୟାର ସମାଧାନ କରିବା ମୋର ମୂଳମନ୍ତ୍ର। ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତିରେ ନିମାପଡ଼ା ବୁଡ଼ି ରହିଥିବାବେଳେ ଏକ ଦୁର୍ନୀତିମୁକ୍ତ ନିମାପଡ଼ା ଗଠନ କରିବା ମୋର ମୁଖ୍ୟ ଲକ୍ଷ୍ୟ। ନିମାପଡ଼ାସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟ ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ୫-ଟି ଅଧକ୍ଷ ଅଣଓଡ଼ିଆ ଅଫିସର ରାଜ୍ୟରେ ଅନେକ ବିଜେଡି ନେତାଙ୍କୁ ବଳି ପକାଇ ଚାଲିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାହୁଛାୟା ତଳେ ରହି ନିଜକୁ ସର୍ବେସର୍ବା ବୋଲାଇ ଓଡ଼ିଶାକୁ ଲୁଟି ଚାଲିଥିବା ଅଣଓଡ଼ିଆ ଅଫିସର ପାଣ୍ଡିଆନଙ୍କୁ ତୀବ୍ର ସମାଲୋଚନା କରି ତାଙ୍କୁ ଓଡ଼ିଶାରୁ ହଟିଯିବାକୁ କହିଥିଲେ। ନିର୍ବାଚନରେ କୌଣସି ଦଳକୁ ନ ଦେଖି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ବିନମ୍ର ନିବେଦନ କରି ଆଶୀର୍ବାଦ ଭିକ୍ଷା କରିଥିଲେ ସିଦ୍ଧାର୍ଥ। କଂଗ୍ରେସ ପ୍ରାର୍ଥୀ ସିଦ୍ଧାର୍ଥ ଖବରଦାତା ସମ୍ମିଳନୀ ମାଧ୍ୟମରେ ନମାପଡ଼ା ପାଇଁ ତାଙ୍କ ଇସ୍ତାହାର ଦାବି କରିଛନ୍ତି।

### ମା'ଡାହାଳିଆଣି ଦେବୀଙ୍କ ବାର୍ଷିକୋତ୍ସବ ଉଦ୍‌ଯାପିତ

ବେଗୁନିଆ,୨୦।୫(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଭୋଗଡ଼ା ଗ୍ରାମସ୍ଥିତ ମା' ଡାହାଳିଆଣି ଦେବୀଙ୍କ ପୀଠରେ ତିନିଦିନ ଧରି ଚାଲିଥିବା ଷଷ୍ଠ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ପୀତବାସ ମିଶ୍ର ଶର୍ମାଙ୍କ ତତ୍ତ୍ୱାବଧାନରେ ସୌମେନ୍ଦ୍ର ସାମନ୍ତରାୟ, ରାଜଲକ୍ଷ୍ମୀ ସାମନ୍ତରାୟ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରଥମ ଦିନରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିନରେ କଳସ ଯାତ୍ରା ଓ ତୃତୀୟ ଦିନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା।

# ୧ ହଜାର ଲିଟର କ୍ଷୀରରେ ସ୍ନାନକଲେ ପିଙ୍ଗଳେଶ୍ୱର



କ୍ଷୀରସାଗର ମେଳା ଅବସରରେ ଭାରତୀ କଳା ପରିଷଦର କୁନି କୁନି କଳାକାରମାନେ।

କାକଟପୁର,୨୦।୫(ଶୁଭଦର୍ଶନ ମିଶ୍ର)

କାକଟପୁର ବ୍ଲକ ଅଧୀନ କଟକଣା ପଞ୍ଚାୟତର ଷଡ଼ାଂଶ ଗ୍ରାମରେ ଥିବା ପିଙ୍ଗଳେଶ୍ୱରଙ୍କ ପୀଠରେ ୯ମ ବାର୍ଷିକ କ୍ଷୀରସାଗର ମେଳା ସୋମବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ସାଂସ୍କୃତିକ ଯୁବ ପରିଷଦ ଆନୁକୂଲ୍ୟରେ ଏହି କ୍ଷୀରସାଗର ମେଳାରେ ପ୍ରଭୁ ପିଙ୍ଗଳେଶ୍ୱର (ଲିଙ୍ଗ)ଙ୍କ ଉପରେ ୧ ହଜାର ଲିଟର କ୍ଷୀର ଢଳା ଯାଇଥିଲା। ସେହି କ୍ଷୀରରେ ସୁମଧୁର ପ୍ରସାଦ (ଖିରି) ପ୍ରସ୍ତୁତ କରାଯାଇ ହଜାର ହଜାର ଭକ୍ତଙ୍କୁ ବଣ୍ଟାଯାଇଥିଲା। ପରେ ପରେ ନାଉଗାଁ ଉତ୍କଳ ଭାରତୀ କଳା ପରିଷଦ ପକ୍ଷରୁ କୁନି କୁନି

**କ୍ଷୀରସାଗର ମେଳା**

କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ପରିଷଦ ପକ୍ଷରୁ ଧଡ଼ି ବେହେରା, ଦୀନବନ୍ଧୁ ଦାସ, ସୁବାଶିଷ ବେହେରା, ହରିହର ବେହେରା, ପ୍ରେମାନନ୍ଦ ବେହେରା, ହରିହର ଦାସ, ଭୋଳି ବେହେରା, ଟୁନା ବେହେରା, ଭରତ ଚନ୍ଦ୍ର ବେହେରା, ଦୁଃଶାସନ ବେହେରା, ଚୈତନ୍ୟ ବେହେରା ଓ ଷଡ଼ାଂଶ ଗ୍ରାମବାସୀଙ୍କ ସହଯୋଗରେ ଏହି ମେଳା ପରିଚାଳନା କରାଯାଇଥିଲା। ଆଖପାଖ ଅଞ୍ଚଳର ମହିଳା ପୁରୁଷମାନେ ପ୍ରଭୁ ପିଙ୍ଗଳେଶ୍ୱରଙ୍କୁ କ୍ଷୀର ଲାଗି କରିବା ସହ ନିଜ ନିଜର ପରିବାରର ଶୁଭ ସୁଖ ମନାସି ଥିଲେ।

## ରଥଖଳାରୁ...

### ରଥ ତୁମ୍ବରେ ପନ୍ଦାରି ଗାଡ଼ ଖୋଦେଇ ଆରମ୍ଭ

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି):

ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ସୋମବାର ଦଶମ ଦିନରେ ପହଞ୍ଚିଛି। ସୋମବାର ସନ୍ଧ୍ୟା ସୁଦ୍ଧା ୩ ରଥର ୪୨ଟି ତୁମ୍ବରେ ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ତିନିରଥ ମହାରଣା ସେବକମାନେ ଶେଷ କଲା ପରେ ସେହି ତୁମ୍ବଗୁଡ଼ିକରେ ଅରକଣ୍ଟା ବାଡିଆ ପାଇଁ ଅଗର ବିନ୍ଧ କାର୍ଯ୍ୟ ମଧ୍ୟ ଶେଷ କରିଛନ୍ତି। ଉକ୍ତ ତୁମ୍ବଗୁଡ଼ିକୁ ଭୋଇ ସେବକଙ୍କ ସହାୟତାରେ ସଳଖ କରାଯାଇଥିଲା। ପରେ ୩ ରଥର ମହାରଣା ସେବକମାନେ ତୁମ୍ବଗୁଡ଼ିକରେ ଅଖ ସଂଯୋଗ ପାଇଁ ପନ୍ଦାରି ଗାଡ଼ ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ତାଳଧ୍ୱଜ ରଥର ୧୪ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ, ଦର୍ପଦଳନ ରଥର ୧୨ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ ଓ ନନ୍ଦିଘୋଷ ରଥର ୧୬ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ମହାରଣା ସେବକମାନେ ଶେଷ କରି ଉକ୍ତ ତୁମ୍ବଗୁଡ଼ିକରେ ଅରକଣ୍ଟା ବାଡ଼ିଆ ପାଇଁ ଅଗର ବିନ୍ଧ କାର୍ଯ୍ୟ ଶେଷ କରିଥିଲେ। ପରେ ତୁମ୍ବରେ ଅଖ ସଂଯୋଗ ପାଇଁ ପନ୍ଦାରି ଗାଡ଼ ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅପରପକ୍ଷରେ ଦୋଳବେଦୀ ଅସ୍ଥାୟୀ କମାରଶାଳରେ ୩ ରଥର ଓଝା ସେବକମାନେ ତିନି ରଥର ଚକା ଡେରା ନୀତି ପାଇଁ ଆବଶ୍ୟକ ପ୍ରକାରେ ଗୋଟିଏ ଗୋଟିଏ ନାହାକା ତୁମ୍ବ ପାଇଁ ୪ଟି ଲେଖାଏଁ ୧୨ଟି ବଡ଼ ସାଇଜ ପନ୍ଦାରି ବଳା ନିର୍ମାଣ କରିଛନ୍ତି। ୩ ରଥର ଦୁଇ ଦୁଇଟି ଚକ ନିର୍ମାଣ ପାଇଁ ଆବଶ୍ୟକ ୩୨ ଯୋଡ଼ା ଲେଖାଏଁ ଅରକଣ୍ଟା ନିର୍ମାଣ ଶେଷ କରି ବାକି ତୁମ୍ବଗୁଡ଼ିକ ପାଇଁ ଅରକଣ୍ଟା ଏବଂ ପନ୍ଦାରି ବଳା ନିର୍ମାଣ ଜାରି ରଖିଛନ୍ତି।



# ୩ ପଞ୍ଚାୟତରେ ରାଜଶ୍ରୀ, ଦିଲୀପଙ୍କ ମାରାଥନ ପ୍ରଚାର

ନିମାପଡ଼ା,୨୦।୫(ବିଚିତ୍ରାନନ୍ଦ ସାହୁ)



ଶୋଭାଯାତ୍ରାରେ ବିଜେଡି ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ।

ନିମାପଡ଼ା ନିର୍ବାଚନମଣ୍ଡଳୀ ବିଜେଡି ଏମ୍‌ପି ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ ନିମାପଡ଼ା ବ୍ଲକ ଅଧୀନ ଭିଲିଗ୍ରାମ, ତୁଳସୀପୁର, ବାହାରେଣା ଆଦି ୩ଟି ପଞ୍ଚାୟତରେ ମାରାଥନ ରୋଡ୍ ଶୋ' କରି ସୋମବାର ତାଙ୍କ ଶକ୍ତି ପ୍ରଦର୍ଶନ କରିଛନ୍ତି। ବାଇକ୍ ରାଲିରେ ଅନେକ ସମର୍ଥକ, କର୍ମୀ, ନେତୃବୃନ୍ଦ ଯୋଗଦେଇଥିଲେ। ଉଭୟ ପ୍ରାର୍ଥୀ ବିଭିନ୍ନ ପଞ୍ଚାୟତର ଗାଁ ଗସ୍ତ କରି ଭୋଟରଙ୍କୁ ଯୋଡ଼ି ଶଙ୍ଖରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ। ନିମାପଡ଼ାରେ ବିଜେଡି ୪ର୍ଥ ଥର ଆଶାତୀତ ସଫଳତା ହାସଲ କରିବା ସହ ବାଜିମାତ କରିବ ବୋଲି ଦଳୀୟ ନେତୃତ୍ୱ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶୋଭାଯାତ୍ରାରେ ବରିଷ୍ଠ ନେତା କୈଳାସ ମହାପାତ୍ର, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ମଲ୍ଲିକ, ସସ୍ମିତା ନାୟକ, ପ୍ରଦୀପ୍ତ ନାୟକ, ନିରଞ୍ଜନ ସାହୁ, ଅନିରୁଦ୍ଧ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।

### ରାସ୍ତାରେ ନାବାଳିକାଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୫ (ସୂର୍ଯ୍ୟକାନ୍ତ ବେହେରା)

ରାସ୍ତାରେ ଜଣେ ନାବାଳିକାଙ୍କ ଚୁଟିକୁ ଧରି ଟଣାଓଟରା କରି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କ ବାପାଙ୍କୁ ଏକ କାଚ ବୋତଲରେ ଆକ୍ରମଣ କରି ଲହୁଲୁହାଣ କଲେ। ଏହି ଘଟଣାରେ ଖାରବେଳନଗର ଥାନା ପୋଲିସ ୟୁନିଟ-୩ ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ଏ. ବାବୁ ରେଡ୍ଡୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ବାବୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ୧୭ ତାରିଖ ସନ୍ଧ୍ୟାରେ ଅଭିଯୋଗକାରିଣୀ ନାବାଳିକା ଜଣକ ଟ୍ୟୁଶନରୁ ଘରକୁ ଫେରିବା ରାସ୍ତାରେ ଅଭିଯୁକ୍ତ ଏ. ବାବୁ ତାଙ୍କୁ ଏକୁଟିଆ ଦେଖି ତାଙ୍କ ସହିତ ଅଶାଳୀନ ବ୍ୟବହାର କରିବା ସହ ତାଙ୍କ ଚୁଟି ଧରି ଟଣାଓଟରା କରିଥିଲେ। ଘଟଣା ସମ୍ପର୍କରେ ଝିଅ ନିକଟରୁ ସବୁ ଶୁଣି ସାରିବା ପରେ ତାଙ୍କ ବାପା ଅଭିଯୁକ୍ତଙ୍କୁ ଏନେଇ ପଚାରିଥିଲେ। ହେଲେ ଅଭିଯୁକ୍ତ ଏ. ବାବୁ ଏଥିରେ ଉତକ୍ଷିପ୍ତ ହୋଇ ଏକ କାଚ ବୋତଲରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତ ସ୍ରାବ ହେବା ସହିତ ସେ ଅଚେତ ହୋଇ ତଳେ ପଡିଯାଇଥିଲେ। ଏହାପରେ ବି ଅଭିଯୁକ୍ତ ଜଣକ ପୁନର୍ବାର ତାଙ୍କୁ ମାଡ ମଧ୍ୟ ମାରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ ୨୩୭/୨୪) ରୁଜୁ ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ହନୁମାନ ମନ୍ଦିର ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ



କଣାସ,୨୦।୫(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ କାଦୁଆ ଗ୍ରାମପଞ୍ଚାୟତର ସାନଓରା ଗ୍ରାମରେ ପ୍ରତିଷ୍ଠିତ ହନୁମାନ ମନ୍ଦିର ପ୍ରତିଷ୍ଠାର ୧୦ମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୪ ଦିନ ଧରି ଏହି ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶନିବାର ୧୫୮ କଳସ ଦୟାନଦୀରୁ ଏକ ପଟୁଆରରେ ଅଣାଯାଇ ଯଜ୍ଞସ୍ଥଳରେ ରଖାଯାଇଥିଲା। ପ୍ରତ୍ୟହ ସୂର୍ଯ୍ୟପୂଜା, ୧୦୮ ହନୁମାନ ଚାଳିଶା ପାଠ ସହ ସଂକୀର୍ତ୍ତନ, ରାମନାଟକ କାର୍ଯ୍ୟକ୍ରମକୁ ରବୀନ୍ଦ୍ର ମହାପାତ୍ର, ଅରୁଣ ମହାପାତ୍ର, ଦାଶରଥି ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଜୟ ହନୁମାନ ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ ଦିବାରାତ୍ର ସଂକୀର୍ତ୍ତନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବେଣୁଧର ବଳିୟାରସିଂ, କୃଷ୍ଣଚନ୍ଦ୍ର ସାହୁ, ଶଙ୍କର୍ଷଣ ଚମ୍ପତି ଶ୍ରେଷ୍ଠ ଗାୟକ ଭାବେ ସମ୍ମାନିତ ହୋଇଥିଲେ। ସେହିପରି ବାୟକ ଭାବେ ଆର୍ତ୍ତତ୍ରାଣ ସାହୁ, ଉଦୟଭାନୁ ସାମନ୍ତରାୟ, ବିଦ୍ୟାଧର ବିଶ୍ୱାଳଙ୍କୁ ମନୋନୀତ କରାଯାଇ ମାନପତ୍ର, ଟ୍ରଫି ସହ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ଏହି ଯଜ୍ଞ ଉତ୍ସବକୁ ଭାଜପା ଯୁବନେତା ଓମ୍ ପ୍ରକାଶ ମିଶ୍ର, କାମାକ୍ଷା ପ୍ରଧାନ, ସଞ୍ଜୟ ଦାସ ବର୍ମା ପ୍ରମୁଖ ଯୋଗଦେଇଥିଲେ। ରମେଶ ମହାପାତ୍ର ଯଜ୍ଞରେ କର୍ତ୍ତା ହୋଇଥିଲେ। ବିକ୍ରମ ସାହୁ, ଅକ୍ଷୟ ମହାପାତ୍ର, ବାଲୁଙ୍କି ସାହୁ, ରାମନାରାୟଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୫ ପଞ୍ଚାୟତରେ ତୁଷାରକାନ୍ତିଙ୍କ ଭୋଟ ଭିକ୍ଷା



କାକଟପୁର,୨୦।୫(ଶୁଭଦର୍ଶନ ମିଶ୍ର):

କାକଟପୁର ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା ସୋମବାର ତାଙ୍କ ସମର୍ଥକଙ୍କ ସହ ବିଭିନ୍ନ ପଞ୍ଚାୟତରେ ବାଇକ୍ ଶୋଭାଯାତ୍ରାରେ ଘର ଘର ବୁଲି ଭୋଟରଙ୍କୁ ଭୋଟ ଭିକ୍ଷା କରିଛନ୍ତି। କଟକଣା, ପାଟସୁନ୍ଦରପୁର, ଭଣ୍ଡାଘର, କଣ୍ଟାପଡ଼ା, ସୁହାଗପୁର ପଞ୍ଚାୟତରେ ମାରାଥନ ପ୍ରଚାର କରି ଶୋଭାଯାତ୍ରାରେ ଯାଇ ବେଲବଣ ମଠଠାରେ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ବେହେରାଙ୍କ ସହିତ ଜ୍ୟୋତିର୍ମୟ ଦଳାଇ, ଗଗନ ଦାଶ, ଯୁବନେତା ବିଶ୍ୱଜିତ୍ ଦାଶ, ଦୀପକ ଶତପଥୀ, ପ୍ରକାଶ ମହାରଣା, ଅମିତ ଖୁଣ୍ଟିଆ, ସୁକାନ୍ତ ନାୟକ ଓ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟ ଓ ଅନେକ କର୍ମୀ ଯୋଗଦେଇଥିଲେ। ବେହେରାଙ୍କ ହାତମୁଠାକୁ ଟାଣ କରିବାକୁ ଉପସ୍ଥିତ ଅତିଥିମାନେ ଶପଥ ନେଇଥିଲେ।

### ଆକ୍ରମଣ କରି ଲୁଟ୍, ୨ ଗିରଫ

ଭୁବନେଶ୍ୱର,୨୦।୫ (ସୂର୍ଯ୍ୟକାନ୍ତ ବେହେରା)

ରାସ୍ତାରେ ଅଟକାଇ ଆକ୍ରମଣ କରିବା ପରେ ମୋବାଇଲ ଲୁଟିନେବା ଘଟଣାରେ ଭରତପୁର ଥାନା ପୋଲିସ ୨ଜଣ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସୁକାନ୍ତ ମାଝି ଓ ବିକାଶ କୁମାର ମହାନ୍ତି। ଉଭୟଙ୍କଠାରୁ ୩ଟି ମୋବାଇଲ ଓ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ଏନେଇ ଲୁଟ୍‌ର ଶିକାର ହୋଇଥିବା ରବୀନ୍ଦ୍ର କୁମାର ବେହେରାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୩୪୫/୨୪) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଚାରିଛକ ବଜାରରେ ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡ଼ା ପ୍ରଚାର କରୁଛନ୍ତି ।

### ଚାରିଛକରେ ଭାଜପା ପକ୍ଷରୁ ବଜାର ପରିକ୍ରମା

ଯୋଗେଶ୍ୱରପୁର,୨୦।୫ (ରଶ୍ମିରଞ୍ଜନ ସାହୁ):

ନିମାପଡ଼ା ନିର୍ବାଚନମଣ୍ଡଳୀର ଚାରିଛକ ବଜାରରେ ଭାଜପା ପ୍ରାର୍ଥିନୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ସୋମବାର ସନ୍ଧ୍ୟା ସମୟରେ ବଜାର ପରିକ୍ରମା କରାଯାଇଛି। ପରିକ୍ରମାରେ ସେ ଭୋଟରଙ୍କୁ ଭୋଟ ଭିକ୍ଷା କରିଥିଲେ। ଏଥିରେ ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଓଝା, କୃଷ୍ଣଚନ୍ଦ୍ର ନାୟକ, ମନୋଜ ନାୟକ, ପ୍ରଶାନ୍ତ ବେହେରା, ଅରକ୍ଷିତ ଭୋଇ, ମହେନ୍ଦ୍ର ମହାପାତ୍ର, ରମା ପାତ୍ର, ତିଳୋତ୍ତମା ବାରିକ, ଦୁର୍ଯ୍ୟୋଧନ ମହାନ୍ତି, ସଞ୍ଜୟ ନାୟକ, ଭଗବାନ ମିଶ୍ର, ଭକ୍ତବନ୍ଧୁ ବିଶ୍ୱାଳ, ବ୍ରଜକିଶୋର ନାୟକ, କୈଳାସ କର, ଜ୍ୟୋତିରଞ୍ଜନ ପାତ୍ର, ଧୂଳ ସାହୁଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ମକରାନଦୀରେ କଳିକତି ଦଳ ପୂର୍ଣ୍ଣ

କଣାସ,୨୦।୫(ବିଭୂତି ଭୂଷଣ ତ୍ରିପାଠୀ)



ମକରାନଦୀ ଦଳପୂର୍ଣ୍ଣ।

କଣାସ ଅଞ୍ଚଳରେ ପ୍ରବାହିତ ଦୟାନଦୀ ଓ ତା'ର ଶାଖାନଦୀ ମକରାରେ କଳିକତି ଦଳ ପୂର୍ଣ୍ଣ ହୋଇଯାଇଛି। ଫଳରେ ଦଳ ପଚି ପାଣି ଦୁର୍ଗନ୍ଧ ହେଉଛି। ଆଖପାଖ ଗ୍ରାମବାସୀ ଉକ୍ତ ନଦୀ ଜଳକୁ ବ୍ୟବହାର ପାଇଁ ନିର୍ଭର କରୁଥିବାବେଳେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଜଳକୁ ନେଇ ଫୁଟାଇ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଏହି ନଦୀ ୨ଟି ଉପରେ କଉଡିଖିଣି ଓ ଜାଗୁଳେଇପଦର ଗ୍ରାମର ଶହଶହ ମତ୍ସ୍ୟଜୀବୀ ଦୈନନ୍ଦିନ ପ୍ରଭାତରୁ ନୌକା ନେଇ ଚିଲିକାକୁ ମାଛ ମାରିବା ପାଇଁ ଯାଇଥାନ୍ତି। ପୁନଶ୍ଚ ମାଛମାରି ସନ୍ଧ୍ୟାକୁ ଗ୍ରାମକୁ ଫେରିଆସିଥାନ୍ତି। କିନ୍ତୁ ଦୀର୍ଘ ମାସେରୁ ଉର୍ଦ୍ଧ୍ୱ ହେଲା ୨ ନଦୀରେ ଦଳ ପୂର୍ଣ୍ଣ ହୋଇଥିବାରୁ ନୌକା ଯାତାୟାତ ବନ୍ଦ ହୋଇଯାଇଛି। ଫଳରେ ମତ୍ସ୍ୟଜୀବୀ ପରିବାର ଓଳିଏ ଖାଇ ଓଳିଏ ଉପବାସରେ ରହୁଛନ୍ତି। ଏହି ନଦୀ ଦାୟିତ୍ୱରେ ଥିବା ଡ୍ରେନେଜ୍ ବିଭାଗର ପ୍ରଦୀପ ଜେନାଙ୍କୁ ପଚାରିବାରେ, ଦଳ ସଫା କରିବାକୁ କୌଣସି ବଜେଟ ନ ଥିବାରୁ ଦଳସଫା ହୋଇ ପାରୁ ନ ଥିବା କହିଥିଲେ।

# ରାସ୍ତାରେ ନାବାଳିକାଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୫

(ସୂର୍ଯ୍ୟକାନ୍ତ ବେହେରା)

ରାସ୍ତା ମଝିରେ ଜଣେ ନାବାଳିକାଙ୍କ ଚୁଟିକୁ ଧରି ଟଣାଓଟରା କରି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କ ବାପାଙ୍କୁ ଏକ କାଚ ବୋତଲରେ ଆକ୍ରମଣ କରି ଲହୁଲୁହାଣ କଲେ। ଏହି ଘଟଣାରେ ଖାରବେଳନଗର ଥାନା ପୋଲିସ ୟୁନିଟ-୩ ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ଏ. ବାବୁ ରେଡ୍ଡୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ବାବୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ୧୭ ତାରିଖ ସନ୍ଧ୍ୟାରେ ଅଭିଯୋଗକାରିଣୀ ନାବାଳିକା ଜଣକ ଟ୍ୟୁଶନରୁ ଘରକୁ ଫେରିବା ରାସ୍ତାରେ ଅଭିଯୁକ୍ତ ଏ. ବାବୁ ତାଙ୍କୁ ଏକୁଟିଆ ଦେଖି ତାଙ୍କ ସହିତ ଅଶାଳୀନ ବ୍ୟବହାର କରିବା ସହ ତାଙ୍କ ଚୁଟି ଧରି ଟଣାଓଟରା କରିଥିଲେ। ଘଟଣା ସମ୍ପର୍କରେ ଝିଅ ନିକଟରୁ ସବୁ ଶୁଣି ସାରିବା ପରେ ତାଙ୍କ ବାପା ଅଭିଯୁକ୍ତଙ୍କୁ ଏନେଇ ପଚାରିଥିଲେ। ହେଲେ ଅଭିଯୁକ୍ତ ଏ. ବାବୁ ଏଥିରେ ଉତକ୍ଷିପ୍ତ ହୋଇ ଏକ କାଚ ବୋତଲରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତ ସ୍ରାବ ହେବା ସହିତ ସେ ଅଚେତ ହୋଇ ତଳେ ପଡିଯାଇଥିଲେ। ଏହାପରେ ବି ଅଭିଯୁକ୍ତ ଜଣକ ପୁନର୍ବାର ତାଙ୍କୁ ମାଡ ମଧ ମାରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ ୨୩୭/୨୪) ରୁଜୁ ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଆକ୍ରମଣ କରି ଲୁଟ୍, ୨ ଗିରଫ

ଭୁବନେଶ୍ୱର,୨୦।୫

(ସୂର୍ଯ୍ୟକାନ୍ତ ବେହେରା)

ରାସ୍ତାରେ ଅଟକାଇ ଆକ୍ରମଣ କରିବା ପରେ ମୋବାଇଲ ଲୁଟିନେବା ଘଟଣାରେ ଭରତପୁର ଥାନା ପୋଲିସ ୨ଜଣ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସୁକାନ୍ତ ମାଝି ଓ ବିକାଶ କୁମାର ମହାନ୍ତି। ଉଭୟଙ୍କଠାରୁ ୩ଟି ମୋବାଇଲ ଓ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ଏନେଇ ଲୁଟ୍‌ର ଶିକାର ହୋଇଥିବା ରବୀନ୍ଦ୍ର କୁମାର ବେହେରାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୩୪୫/୨୪) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଶନିବାର ରାତିରେ ଅଭିଯୋଗକାରୀ ରବୀନ୍ଦ୍ର ଓ ତାଙ୍କର ଦୁଇ ବନ୍ଧୁ କିଛି ଲୁହା ଗ୍ରୀଲ୍ ଖରକା ଏବଂ କବାଟ ଆଦିକୁ ନିଜ ଅଟୋରେ ଲଦି ଘାଟିକିଆସ୍ଥିତ ଘରକୁ ଫେରୁଥିଲେ। ବିପୁଲ ଗାର୍ଡେନ ଆପାର୍ଟମେଣ୍ଟ ନିକଟରେ ଦୁଇ ଅଭିଯୁକ୍ତ ଓ ଜଣେ ସହଯୋଗୀ ଏକ ବାଇକରେ ଆସି ସେମାନଙ୍କୁ ରାସ୍ତାରେ ଅଟକାଇବା ସହିତ ଅଟୋରେ ଥିବା ଲୁହାଗ୍ରୀଲ କେଉଁଠାରୁ ଆଣିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ହେଲେ ରବୀନ୍ଦ୍ର କିଛି କହିବା ପୂର୍ବରୁ ଅଭିଯୁକ୍ତମାନେ ହଠାତ ସେମାନଙ୍କ ଉପରେ ଆକ୍ରମଣ କରିବା ସହିତ ୩ଟି ମୋବାଇଲ ବଳପୂର୍ବକ ଛଡାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ଓଡ଼ିଶୀ ଏକକ ଅଭିନୟରେ ବିମୋହିତ ଦର୍ଶକ

ଭୁବନେଶ୍ୱର, ୨୦।୫

(ବନ୍ଦନା ସେଠୀ)

ଓଡ଼ିଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସୋମବାର ଉତ୍କଳ ରଙ୍ଗମଞ୍ଚଠାରେ 'ଉଦୟରାଗ' ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାର ପ୍ରଥମ ଏକକ ଓଡ଼ିଶୀ ନୃତ୍ୟ ନେଇ ମଞ୍ଚକୁ ଓହ୍ଲାଇଥିଲେ ଶିଳ୍ପୀ ଶ୍ରୀପୁଣ୍ୟ ମହାନ୍ତି। ତାଙ୍କର ପ୍ରଥମ ପ୍ରସ୍ତୁତି ଥିଲା 'ଜଗନ୍ନାଥ ସହସ୍ରନାମ'। ଏହାର ନୃତ୍ୟ ସଂରଚନା ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଅଗ୍ନିମିତ୍ର ବେହେରା ଓ ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ଶେଷ ପ୍ରସ୍ତୁତି 'ବଂଶୀସ୍ୱନ'ରେ କୃଷ୍ଣଙ୍କ ଯାଦୁକରୀ ବଂଶୀ ଧ୍ୱନିରେ କିପରି ପରମପ୍ରିୟା ରାଧା ମନ୍ତ୍ରମୁଗ୍ଧ ହୋଇଯାଆନ୍ତି, ତାହାକୁ ବେଶ୍ ଚମତ୍କାର ଭାବେ ସେ ପ୍ରଦର୍ଶନ କରିଥିଲେ। ଏହାର ନୃତ୍ୟ ସଂରଚନା ଅରୁଣା ମହାନ୍ତି କରିଥିବାବେଳେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ସଙ୍ଗୀତ ସଂଯୋଜନା ଓ ଗୁରୁ ବିଜୟ କୁମାର ବାରିକ ତାଳ ସଂଯୋଜନା କରିଥିଲେ। ତାଙ୍କ ପରେ ଶିଳ୍ପୀ ସମୀର କୁମାର ପାଣିଗ୍ରାହୀଙ୍କ ଦ୍ୱାରା ପରିବେଷିତ ଦ୍ୱିତୀୟ ଓ ଏକକ ନୃତ୍ୟ ପରିବେଷିତ ହୋଇଥିଲା। ଜୟଦେବଙ୍କ ଗୀତଗୋବିନ୍ଦରୁ ଉଦ୍ଧୃତ ରାଧା-କୃଷ୍ଣଙ୍କ ପ୍ରକୃତ ପ୍ରେମ 'ପ୍ରିୟେ ଚାରୁଶୀଳେ'କୁ ଅତି ଚମତ୍କାର ଭାବେ ଶିଳ୍ପୀ ପ୍ରଦର୍ଶନ କରିଥିଲେ। ପରବର୍ତ୍ତୀ ଉପସ୍ଥାପନାରେ ଥିଲା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ 'ବାସି ମୋ ହୋଇଲା ଫୁଲଶେଯ'ରୁ ଉଦ୍ଧୃତ ରାଗ କଲ୍ୟାଣ ଓ ତାଳ ଝମ୍ପାରେ ପ୍ରସ୍ତୁତ ରାସ ବିରହ। ଏହାକୁ ଶିଳ୍ପୀ ସସ୍ମିତା ପଣ୍ଡା ପ୍ରସ୍ତୁତ କରିଥିଲେ। ଏହାପରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ କେଳୁଚରଣ ମହାପାତ୍ରଙ୍କ ଘରାନା ତଥା ସୃଜନ ଅନୁଷ୍ଠାନର ବରିଷ୍ଠ ନୃତ୍ୟ ଅଧାପିକା ରାଜଶ୍ରୀ ପ୍ରହରାଜଙ୍କ ଦ୍ୱାରା ପରିବେଷିତ ହୋଇଥିଲା ନୃତ୍ୟନାଟିକା 'ସୀତା ହରଣ', ଯାହାକି ରାମାୟଣ ଉପନ୍ୟାସରୁ ଉଦ୍ଧୃତ ହୋଇଥିବାବେଳେ ରାଗ ରାଗମାଳିକା ଏବଂ ତାଳ ତାଳମାଳିକ ଉପରେ ନିବଦ୍ଧ ଥିଲା। ସେହିପରି ଓଡ଼ିଶୀ ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀ ବିଜନ କୁମାର ପଲାଇ ବାଲ୍ମୀକି ରାମାୟଣରୁ ଉଦ୍ଧୃତ ସୁନ୍ଦରାକାଣ୍ଡ ଉପସ୍ଥାପନ କରିଥିଲେ। ଶେଷ ଉପସ୍ଥାପନାରେ ରାହୁଲ ଆଚାର୍ଯ୍ୟଙ୍କ ଦ୍ୱାରା ଭଗବାନ ଶିବଙ୍କ ପ୍ରାର୍ଥନା ପାଇଁ ଆଠଟି ପଦର ସମ୍ମିଶ୍ରଣ 'ଶିବାଷ୍ଟକ' ପରିବେଷଣ ହୋଇଥିଲା। ଏହା ରାଗ ଭୈରବୀ ଓ ତାଳ ଏକତାଳି ଉପରେ ନିବଦ୍ଧ ଥିଲା। ଅତିଥି ଭାବେ ଓଡିଶୀ ନୃତ୍ୟାଙ୍ଗନା ତଥା ଗୁରୁ ମାଧବୀ ମୁଦ୍‌ଗଲ, ସିକତା ଦାସ, ରତିକାନ୍ତ ମହାପାତ୍ର, ବିଚିତ୍ରାନନ୍ଦ ସ୍ୱାଇଁ, ଅରୁଣା ମହାନ୍ତି ଏବଂ ଓଡିଶୀ ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।



'ଉଦୟରାଗ'ରେ ଶିଳ୍ପୀମାନେ ଏକକ ଓଡ଼ିଶୀ ନୃତ୍ୟାଭିନୟ କରୁଛନ୍ତି।

# ୩ ରଥର ତୁମ୍ବଗୁଡ଼ିକରେ ପନ୍ଦାରି ଗାଡ଼ ଖୋଦେଇ ଆରମ୍ଭ

ପୁରୀ,୨୦।୫ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ସୋମବାର ଦଶମ ଦିନରେ ପହଞ୍ଚିଛି। ସୋମବାର ସନ୍ଧ୍ୟା ସୁଦ୍ଧା ୩ ରଥର ୪୨ଟି ତୁମ୍ବରେ ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ତିନିରଥ ମହାରଣା ସେବକମାନେ ଶେଷ କଲା ପରେ ସେହି ତୁମ୍ବଗୁଡ଼ିକରେ ଅରକଣ୍ଟା ବାଡିଆ ପାଇଁ ଅଗର ବିନ୍ଧ କାର୍ଯ୍ୟ ମଧ ଶେଷ କରିଛନ୍ତି। ଉକ୍ତ ତୁମ୍ବଗୁଡ଼ିକୁ ଭୋଇ ସେବକଙ୍କ ସହାୟତାରେ ସଳଖ କରାଯାଇଥିଲା। ପରେ ୩ ରଥର ମହାରଣା ସେବକମାନେ ତୁମ୍ବଗୁଡ଼ିକରେ ଅଖ ସଂଯୋଗ ପାଇଁ ପନ୍ଦାରି ଗାଡ଼ ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ତାଳଧ୍ୱଜ ରଥର ୧୪ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ, ଦର୍ପଦଳନ ରଥର ୧୨ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ ଓ ନନ୍ଦିଘୋଷ ରଥର ୧୬ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ମହାରଣା ସେବକମାନେ ଶେଷ କରି ଉକ୍ତ ତୁମ୍ବଗୁଡ଼ିକରେ ଅରକଣ୍ଟା ବାଡ଼ିଆ ପାଇଁ ଅଗର ବିନ୍ଧ କାର୍ଯ୍ୟ ଶେଷ କରିଥିଲେ। ପରେ ତୁମ୍ବରେ ଅଖ ସଂଯୋଗ ପାଇଁ ପନ୍ଦାରି ଗାଡ଼ ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅପରପକ୍ଷରେ ଦୋଳବେଦୀ ଅସ୍ଥାୟୀ କମାରଶାଳରେ ୩ ରଥର ଓଝା ସେବକମାନେ ତିନି ରଥର ଚକା ଡେରା ନୀତି ପାଇଁ ଆବଶ୍ୟକ ପ୍ରକାରେ ଗୋଟିଏ ଗୋଟିଏ ନାହାକା ତୁମ୍ବ ପାଇଁ ୪ଟି ଲେଖାଏଁ ୧୨ଟି ବଡ଼ ସାଇଜ ପନ୍ଦାରି ବଳା ନିର୍ମାଣ କରିଛନ୍ତି। ୩ ରଥର ଦୁଇ ଦୁଇଟି ଚକ ନିର୍ମାଣ ପାଇଁ ଆବଶ୍ୟକ ୩୨ ଯୋଡ଼ା ଲେଖାଏଁ ଅରକଣ୍ଟା ନିର୍ମାଣ ଶେଷ କରି ବାକି ତୁମ୍ବଗୁଡ଼ିକ ପାଇଁ ଅରକଣ୍ଟା ଏବଂ ପନ୍ଦାରି ବଳା ନିର୍ମାଣ ଜାରି ରଖିଛନ୍ତି।

# ଦମ୍ପତିଙ୍କ ଉପରେ ଚଢ଼ିଗଲା ଗାଡ଼ି

ଫୁଲନଖରା,୨୦।୫

(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ-ଭୁବନେଶ୍ୱର ୧୬ନଂ. ଜାତୀୟ ରାଜପଥର ଫୁଲନଖରା ଓଭରବ୍ରିଜ୍ ଉପରେ ସୋମବାର ସକାଳେ ଗାଡ଼ି ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଭଦ୍ରକ ତିହିଡ଼ି ଥାନା ଅଞ୍ଚଳର ବିଜୟ ନାୟକ ଓ ଲିତା ବେହେରା। ଏନେଇ କଟକ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଉଭୟ ଏକ ବାଇକ୍‌ରେ ଭୁବନେଶ୍ୱରରୁ ଭଦ୍ରକ ଯାଉଥିବାବେଳେ ଫୁଲନଖରା ଓଭର ବ୍ରିଜ ମଝିରେ ଏକ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଦୁହେଁ ତଳେ ପଡ଼ିଯିବାରୁ ଗାଡ଼ି ଚକା ତାଙ୍କ ଉପରେ ମାଡ଼ିଯାଇଥିଲା। କଟକ ସଦର ଥାନା ପୋଲିସ ଓ ଟ୍ରାଫିକ ଥାନା ପୋଲିସ ପହଞ୍ଚି ଦମ୍ପତିଙ୍କୁ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମୋ ବସ୍‌ରେ ଚଢ଼ିବା ବେଳେ ଯାତ୍ରୀଙ୍କ ମୋବାଇଲ ଚୋରି

ଭୁବନେଶ୍ୱର,୨୦।୫

(ସୂର୍ଯ୍ୟକାନ୍ତ ବେହେରା)

ମୋ ବସ୍‌ରେ ଚଢୁଥିବା ସମୟରେ ପାହାଳ ଅଞ୍ଚଳର ରଜତ କୁମାର ସ୍ୱାଇଁଙ୍କ ପକେଟରୁ ମୋବାଇଲ ଚୋରି ହୋଇଯାଇଛି। ଏନେଇ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତକୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ନୟାପଲ୍ଲୀସ୍ଥିତ ସିଆର୍‌ପିଏଫ୍ ଛକରେ ଚୋରି ହୋଇଥିବା ନେଇ ସେ ଏତଲାରେ ଦର୍ଶାଇଛନ୍ତି। ସୂଚନାନୁସାରେ, ଭୁବନେଶ୍ୱରରେ ଚାଲୁଥିବା ମୋ ବସ୍‌ରୁ ଯାତ୍ରୀଙ୍କଠାରୁ ବାରମ୍ବାର ମୋବାଇଲ ଓ ଅନ୍ୟାନ୍ୟ ଜିନିଷ ଚୋରି ହେଉଛି। ଲୁଟେରାମାନେ ଗହଳିର ସୁଯୋଗ ନେଇ ବସ୍ ଭିତରୁ ଚୋରି କରିବାରେ ସକ୍ଷମ ହେଉଛନ୍ତି। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ସତ, ହେଲେ ଏହି ଚୋରିରେ ରୋକ ଲାଗିପାରୁନି।

# ସଚ୍ଚିଦାନନ୍ଦ ରାଉତରାୟ ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା

ଭୁବନେଶ୍ୱର, ୨୦।୫

(ବନ୍ଦନା ସେଠୀ)

କବି ସଚ୍ଚିଦାନନ୍ଦ ରାଉତରାୟ ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା। ଓଡିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ଅଲେଖ ଚନ୍ଦ୍ର ପଢିଆରୀ ଏହା କହିଛନ୍ତି। ପ୍ରେମଲତା ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଡ. ଆରତି କର, ମିନତି ଷଡ଼ଙ୍ଗୀ, ପ୍ରଭାତ କୁମାର ନନ୍ଦ, ଡ. ଉପେନ୍ଦ୍ର ପ୍ରସାଦ ନାୟକ, ବିରଜା ପ୍ରସାଦ ଶତପଥୀ ପ୍ରମୁଖ ଯୋଗଦେଇ କବି ରାଉତରାୟ ଏକାଧାରରେ ଜଣେ ସାର୍ଥକ ଗଳ୍ପ ଲେଖକ, ଔପନ୍ୟାସିକ, ପ୍ରାବନ୍ଧିକ, ସମାଲୋଚକ ଓଡିଆ କାବ୍ୟ ସାହିତ୍ୟରେ ପ୍ରଗତିବାଦୀ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ବୋଲି କହିଥିଲେ। କବି ରାଉତରାୟଙ୍କ କବିତା ଛୋଟ ମୋର ଗାଆଁଟି, ବାଜି ରାଉତ, ଗଳ୍ପ ଅନ୍ଧାରୁଆ, ମଶାଣିର ଫୁଲ ଆଦି ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ ବୋଲି ମତ ପ୍ରକାଶ ପାଇଥିଲା। ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।



ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

# ୩୭ ହଜାର ଟଙ୍କା ଚୋରି କରିଥିବା ଏସି ମେକାନିକ ଗିରଫ

ଭୁବନେଶ୍ୱର,୨୦।୫

(ସତ୍ୟଜିତ୍ ରାଉତ)

ଏସି ସଜାଡ଼ିବାକୁ ଆସି ଘର ମାଲିକଙ୍କ ଆଲମିରାରୁ ୩୭ ହଜାର ଟଙ୍କା ଚୋରି ମାମଲାରେ ବଡ଼ଗଡ ଥାନା ପୋଲିସ ଅଭିଯୁକ୍ତ ମେକାନିକ୍‌ଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦାରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବାଲିସାହି ଗ୍ରାମର ସୂର୍ଯ୍ୟକାନ୍ତ ପଣ୍ଡା (୨୬)। ତାଙ୍କଠାରୁ ଗୋଟିଏ ବାଇକ ଓ ୬ ହଜାର ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ, ବଡ଼ଗଡ ବ୍ରିଟ୍ କଲୋନିରେ ରହୁଥିବା ବିଶ୍ୱଜିତ ସାହୁଙ୍କ ଘରେ ଲାଗିଥିବା ଏସିର ଯାନ୍ତ୍ରିକ ତ୍ରୁଟି ଠିକ କରିବାକୁ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଗତ ଏପ୍ରିଲ ୨୪ରେ ମେକାନିକ୍ ସୂର୍ଯ୍ୟକାନ୍ତଙ୍କୁ ପଠାଯାଇଥିଲା। ସୂର୍ଯ୍ୟକାନ୍ତ ଏସି ମେଶିନ୍ ଯାଞ୍ଚ୍ କରିବା ପରେ ପିସିଭି ପାର୍ଟ ଖରାପ ଥିବା ବିଶ୍ୱଜିତଙ୍କୁ ଜଣାଇବା ସହ ଛାତ ଉପରକୁ ଯାଇ କମ୍ପ୍ରେସର ଚେକ୍ କରିବା ପାଇଁ କହିଥିଲେ। ବିଶ୍ୱଜିତ ଛାତ ଉପରକୁ ଯିବା ପରେ ସୂର୍ଯ୍ୟକାନ୍ତ ଉକ୍ତ ଘରେ ଥିବା ଆଲମିରା ଖୋଲି ୩୭ ହଜାର ଟଙ୍କା ଚୋରି କରି ପଳାଇ ଯାଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୯୦/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ତେବେ ଚୋରି ଟଙ୍କାରୁ ୩୧ ହଜାର ଟଙ୍କା ବ୍ୟକ୍ତିଗତ କାମ ଓ ବାଇକ ମରାମତିରେ ଖର୍ଚ୍ଚ କରିଦେଇଥିବା ପୋଲିସକୁ ସୂର୍ଯ୍ୟକାନ୍ତ କହିଛନ୍ତି।

# ମତଦାନବେଳେ ହିଂସାକାଣ୍ଡ ଘଟାଇଛି ଭାଜପା: ସସ୍ମିତ

ଭୁବନେଶ୍ୱର,୨୦।୫

(ଅନୁରାଧା ମହାରଣା)

ନିର୍ବାଚନୀ ହିଂସାକୁ ନେଇ ଭାଜପା ଓ ବିଜେଡି ପରସ୍ପରକୁ ଦାୟୀ କରିବାରେ ଲାଗିଛନ୍ତି । ରାଜ୍ୟରେ ସୋମବାର ୫ଟି ଲୋକସଭା ଆସନ ଓ ୩୫ ବିଧାନସଭା ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସରିଥିବା ବେଳେ ଭାଜପା କର୍ମୀଙ୍କ ଦ୍ୱାରା ହିଂସାକାଣ୍ଡ ଘଟାଯାଇଥିବା ବିଜେଡି ଅଭିଯୋଗ ଆଣିଛି। ଅନ୍ୟପଟେ ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଶ୍ୱନାଥ ମିର୍ଦ୍ଧାଙ୍କୁ ଅଭିଯୁକ୍ତ ଅଶୋକ ମହାନନ୍ଦ ଛୁରାମାଡ଼ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ, ବରଂ ମଦ୍ୟପାନ କରି ଦୁଇ ଜଣଙ୍କ ମଧ୍ୟରେ ବ୍ୟକ୍ତିଗତ ଝଗଡ଼ା। ମାତ୍ର ଭାଜପା ଏହାକୁ ରାଜନୈତିକ ପ୍ରସଙ୍ଗ କରିଛି ବୋଲି ବିଜେଡି ଏମ୍‌ପି ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର କହିଛନ୍ତି। ନିର୍ବାଚନ ଆୟୋଗଙ୍କ ନିକଟରେ ବିଜେଡ଼ି ଆଣିଥିବା ଅଭିଯୋଗ ଅନୁଯାୟୀ, ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନମଣ୍ଡଳୀର ମହେଶ୍ୱରପିଣ୍ଡା ଓ ଅମୁରଦାରେ ଭାଜପା ନେତା, କର୍ମୀ ଓ ବିଧାୟକ ପ୍ରାର୍ଥୀ ସରୋଜ କୁମାର ପ୍ରଧାନଙ୍କ ସମର୍ଥକମାନେ ବୁଥ୍ ଦଖଲ କରିଛନ୍ତି। ସୁନ୍ଦରଗଡ଼ ପୌରପାଳିକା ୭ ନମ୍ବର ୱାର୍ଡରେ ଭାଜପା ବିଧାୟକ ପ୍ରାର୍ଥୀ କୁସୁମ ଟେଟେ ସମର୍ଥକଙ୍କ ସହ ମିଶି ଭୋଟରଙ୍କୁ ଧମକ ଦେଇଛନ୍ତି। ଟିଟିଲାଗଡ଼ର ଭାଜପା ବିଧାୟକ ପ୍ରାର୍ଥୀ ନବୀନ ଜୈନ ପରାଜୟ ଭୟରେ ବିଜେଡି କର୍ମୀଙ୍କୁ ଲଗାତର ଧମକ ଦେଉଛନ୍ତି। ଅତାବିରା ନିର୍ବାଚନ ମଣ୍ଡଳୀ ସୁଆଲଖଣ୍ଡ ପଞ୍ଚାୟତ ଯୋଗୀପାଲି ମତଦାନ କେନ୍ଦ୍ରରେ ସ୍ୱେଚ୍ଛାସେବୀ ବେଶରେ ଭାଜପା କର୍ମୀମାନେ ଭିନ୍ନକ୍ଷମ ଭୋଟରଙ୍କୁ ଭାଜପାକୁ ଭୋଟ ଦେବାକୁ ବାଧ କରିଛନ୍ତି। ବରଗାଁର ଅଇଁପାଲି ପଞ୍ଚାୟତରେ ଭାଜପା କର୍ମୀମାନେ ବିଜେଡି ଭୋଟର ଓ ବୁଥ୍ ଏଜେଣ୍ଟଙ୍କୁ ଧମକାଇବା ସହ ସାଲେପାଲି, ଅରିଗୁଡି ପଞ୍ଚାୟତରେ ବିଜେଡିକର୍ମୀଙ୍କୁ ମାଡ଼ ମାରିଛନ୍ତି । ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସୋମବାର ପଦ୍ମପୁରର ଭାଜପା ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋୟଙ୍କ ସମର୍ଥକ ତଥା ଗ୍ରାମ ପଞ୍ଚାୟତ ସରଗିବାହାଲ ଗ୍ରାମର ଦୟାନିଧି ସୁନାଙ୍କୁ, ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନେଗିମାଣ୍ଡା ଗ୍ରାମରେ ବିଜେଡି କାର୍ଯ୍ୟାଳୟ ଖୋଲିବାକୁ ଉଦ୍ୟମ କରୁଥିବାବେଳେ ଭଟଲିର ଭାଜପା ବିଧାୟକ ପ୍ରାର୍ଥୀ ଇରାଶିଷ ଆଚାର୍ଯ୍ୟଙ୍କ ସମର୍ଥକମାନେ ସାନନ୍ଦ ସାହୁଙ୍କୁ ଅପହରଣ କରି ମାଡ଼ ମାରିଥିବା ଡ.ପାତ୍ର ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।




ନୃତ୍ୟାର୍ଚ୍ଚନା ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥି ଶତପଥୀ ଓ ଅନ୍ୟ ଅତିଥିମାନେ ଗୁରୁ ଡ. ଗଜେନ୍ଦ୍ର ପଣ୍ଡାଙ୍କୁ 'ଗୁରୁ ଦେବ ପ୍ରସାଦ ଦାସ ଆୱାର୍ଡ' ପ୍ରଦାନ କରୁଛନ୍ତି।

# 'ସଂକଳ୍ପ ମୋର, ବିକାଶ ସମସ୍ତଙ୍କର'

ଭୁବନେଶ୍ୱର,୨୦।୫

(ଅନୁରାଧା ମହାରଣା)



**ଜ୍ଞାନେନ୍ଦ୍ର ମହାନ୍ତି**
**ସ୍ୱାଧୀନ ବିଧାୟକ ପ୍ରାର୍ଥୀ,**
**ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ**

ଭୁବନେଶ୍ୱର ଏକାମ୍ର ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଜ୍ଞାନେନ୍ଦ୍ର ମହାନ୍ତି। ପୂର୍ବରୁ ସେ ଏହି ନିର୍ବାଚନମଣ୍ଡଳୀରୁ ଲଗାତର ୩ଥର ନିର୍ବାଚନ ଲଢ଼ିଛନ୍ତି। ତେବେ ଚତୁର୍ଥଥର କିଛି ନିଆରା ହେବ ବୋଲି ସେ ଆଶା ରଖିଛନ୍ତି। ଜନତାଙ୍କ ପରାମର୍ଶରେ ନିର୍ବାଚନୀ ରଣାଙ୍ଗନକୁ ଓହ୍ଲାଇଛି, ଜିତିଲେ ଜନତାଙ୍କ ବିଜୟ ହେବ। ସମସ୍ତଙ୍କ ବିକାଶ ପାଇଁ ସଂକଳ୍ପ ନେଇଛି ବୋଲି ଜ୍ଞାନେନ୍ଦ୍ର 'ଧରିତ୍ରୀ'କୁ ସାକ୍ଷାତ୍କାର ଦେବା ଅବସରରେ କହିଛନ୍ତି।

**ରାଜନୀତିକୁ ଆସିବାର କାରଣ?**

ଯୁବପିଢ଼ି ବିନା ରୋଜଗାରରେ କାଳାତିପାତ କରୁଛନ୍ତି। ସେମାନଙ୍କ ପାଇଁ ରାଜନୀତିକୁ ଓହ୍ଲାଇବା ଜରୁରୀ ମନେକଲି। ଏବେ ନୁହେଁ, ମୁଁ ସବୁବେଳେ ଜନତାଙ୍କ ସହିତ ରହିଛି। କ୍ଷମତାକୁ ଆସିଲେ ଏହି ସମସ୍ୟା ପ୍ରଥମେ ଦୂର କରିବି।

**ଭୋଟର ସଂଖ୍ୟାକୁ ନେଇ ନିର୍ବାଚନୀ ପ୍ରସ୍ତୁତି କିପରି ରହିଛି?**

ମୋ ନିର୍ବାଚନ ମଣ୍ଡଳୀରେ ୫ଲକ୍ଷରୁ ଅଧିକ ଭୋଟର ଅଛନ୍ତି। ସ୍ୱାଧୀନ ପ୍ରାର୍ଥୀ ହୋଇଥିବାରୁ ନିର୍ବାଚନୀ ଚିହ୍ନ 'ନଡ଼ିଆ ବଗିଚା', ଯାହା ବହୁତ ପଛରେ ମିଳିଲା। ତେଣୁ ପ୍ରଚାର ପାଇଁ ଖୁବ୍ କମ୍ ସମୟ ମିଳିଛି। ତଥାପି ପ୍ରଚାର ସମୟରେ ଲୋକଙ୍କ ଭଲ ପାଇବା ବାରି ହୋଇପଡୁଛି।

**ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ କ'ଣ ରହିଛି?**

ସଂକଳ୍ପ ମୋର, ବିକାଶ ସମସ୍ତଙ୍କର। ବେକାରି ସମସ୍ୟା ଦୂର କରି ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ମୁଖ୍ୟ ପ୍ରସଙ୍ଗ ରହିଛି। କ୍ଷମତାକୁ ଆସିଲେ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଭୋଟରଙ୍କ ସମସ୍ୟା ଶୁଣିବା ସହ ଅନ୍ୟ ସମସ୍ୟାଗୁଡିକର ସମାଧାନ କରିବାକୁ ଚେଷ୍ଟା କରିବି।

**ପୂର୍ବରୁ ୩ଥର ନିର୍ବାଚନ ହାରିଥିଲେ, କାରଣ ସମ୍ପର୍କରେ କ'ଣ କହିବେ?**

ବିଜେଡି ହାତରେ ଅର୍ଥବଳ ସହ ସରକାରୀ ବଳ ମଧ ରହୁଛି। ତେଣୁ ଲୋକଙ୍କ ସମର୍ଥନ ଭୋଟରେ ପରିବର୍ତ୍ତନ ହେବାରେ ସମସ୍ୟା ରହୁଥିଲା। ପୂର୍ବ ନିର୍ବାଚନରୁ ଅନେକ କିଛି ଶିଖିଛି। ତାହାକୁ ପାଥେୟ କରି ପୁଣି ଥରେ ଲଢୁଛି।

**ଏଥର ଜନତାଙ୍କ ସମର୍ଥନ କିପରି ରହିଛି, ଜିତିବେ...?**

ଜନସାଧାରଣଙ୍କ ସମର୍ଥନ ବହୁତ ରହିଛି। ମୁଁ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖେ। ତେଣୁ ବିଜୟ ହେବ ବୋଲି ଆଶା କରୁଛି। ଖରାରେ ପ୍ରଚାର ପାଇଁ ଗଲେ ଲୋକ ଆପେ ଆସି ଗାମୁଛାରେ ମୁହଁ ପୋଛି ଦେଉଛନ୍ତି। ହାତକୁ ପାଣି ଗ୍ଲାସ୍ ବଢ଼ାଇଦେଉଛନ୍ତି। ସମର୍ଥନ ନ ଥିଲେ ତ କେହି ପାଖକୁ ଆସନ୍ତେ ନାହିଁ।

# 'ବସ୍ତିବାସିନ୍ଦାଙ୍କ ସମସ୍ୟା ଦୂର ପାଇଁ ଲଢୁଛି'

ଭୁବନେଶ୍ୱର,୨୦।୫

(ଅନୁରାଧା ମହାରଣା)

ଦିନ ସରିଆସୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ନିର୍ବାଚନୀ ପ୍ରଚାର ବେଶ୍ ସରଗରମ ହେବାରେ ଲାଗିଛି। ଭୁବନେଶ୍ୱର ଲୋକ ସଭା ଓ ୩ ବିଧାନସଭା ଆସନ ଲାଗି ବିଭିନ୍ନ ଦଳ ପ୍ରାର୍ଥୀ ଦେଇଥିବାବେଳେ ସେମାନେ ଦଳୀୟ ମୁଦ୍ଦା ସହ ନିଜ ନିଜର ଭିନ୍ନ ଭିନ୍ନ ପ୍ରତିଶ୍ରୁତି ଦେଇ ଜନସମର୍ଥନ ଲୋଡୁଛନ୍ତି। ହେଲେ ଅନେକ ପ୍ରାର୍ଥୀ ସ୍ୱାଧୀନ ଭାବେ ଲଢ଼ିବା ସହ ବିଶେଷକରି ସ୍ଥାନୀୟ ସମସ୍ୟାକୁ ସେମାନଙ୍କ ପ୍ରଚାରର ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ଭାବେ ଲଢୁଥିବା ୭୨ବର୍ଷୀୟ ଡିମିରୁ ମାଝି ବିଶେଷକରି ବସ୍ତି ସମସ୍ୟା ସମାଧାନକୁ ବଡ଼ ପ୍ରସଙ୍ଗ କରିଛନ୍ତି। ଅତି ନିରାଡ଼ମ୍ବର ଭାବେ ଘରକୁ ଘରକୁ ବୋଲି ସମର୍ଥନ ଲୋଡୁଛନ୍ତି। ଡିମିରୁଙ୍କ ସହ ଧରିତ୍ରୀର ସଂକ୍ଷିପ୍ତ ବାର୍ତ୍ତାଳାପ।

**ଏତେ ବୟସରେ ନିର୍ବାଚନୀ ମୈଦାନକୁ ଓହ୍ଲାଇବାର ରହସ୍ୟ?**

ମୁଁ ବସ୍ତିରେ ରହେ। ବସ୍ତିବାସିନ୍ଦାଙ୍କ ଯନ୍ତ୍ରଣା ଦେଖିଛି। ସେହି ଯନ୍ତ୍ରଣା ଦୂର କରିବାକୁ ନିର୍ବାଚନକୁ ଓହ୍ଲାଇଛି। ଏହା ପ୍ରଥମ ନୁହେଁ, ପୂର୍ବରୁ କର୍ପୋରେଟର ଭାବେ ଲଢ଼ିଛି। ହାରିଲେ ମଧ ଲୋକଙ୍କ ସମର୍ଥନକୁ ମୁଁ ଅନୁଭବ କରିଛି। ତେଣୁ ଏଥର ବିଧାନସଭା ଯିବାକୁ ଆଶା ରଖିଛି।

**ଆପଣଙ୍କ ମୁଖ୍ୟ ପ୍ରସଙ୍ଗ କ'ଣ ରହିଛି?**

ବସ୍ତିବାସିନ୍ଦାଙ୍କୁ ୩୦୦-୪୦୦ ବର୍ଗଫୁଟ୍ ପରିବର୍ତ୍ତେ ରହିବାକୁ ୧ ହଜାର ଫୁଟ୍ ଜାଗା ମିଳିବ। ମହିଳାଙ୍କୁ ସୁରକ୍ଷା, ବସ୍ତି ଶିଶୁଙ୍କୁ ଶିକ୍ଷା, ଗୋପାଳଙ୍କୁ ମାଗଣା ଗୋଖାଦ୍ୟ ଯୋଗାଣ, ଉଠାଦୋକାନୀଙ୍କୁ ସେମାନଙ୍କର ଅଧିକାର ଯୋଗାଇବା ସହ ଅନେକ ପ୍ରସଙ୍ଗ ରହିଛି। ପ୍ରଥମେ ନବୀନ ସରକାରକୁ ଜନତାଙ୍କ ସରକାର ଏବଂ ମୋଦି ସରକାରକୁ ଭାଜପା ସରକାର କରିବା ମୋର ଲକ୍ଷ୍ୟ। ଏପରି ହେଲେ ବିକାଶ ସମ୍ଭବ।

**ନୂଆ ଭୋଟରଙ୍କ ଆସ୍ଥା ଜିଣିବା ପାଇଁ କ'ଣ ରଣନୀତି ରହିଛି?**

ରଣନୀତିର କିଛି ଆବଶ୍ୟକତା ନାହିଁ। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୨ଲକ୍ଷରୁ ଅଧିକ ଭୋଟର ଅଛନ୍ତି। ସମସ୍ତେ ଜାଣିଛନ୍ତି ଆଖୁ ଚାଷୀ ଚିହ୍ନରେ ଭୋଟ ଦେଲେ ସମସ୍ତେ ଉପକୃତ ହେବ। ଘରକୁ ଘର ବୁଲି କେବଳ ଲୋକଙ୍କୁ ଆଉଥରେ ମନ ପକାଇଦେଉଛି।



**ଡିମିରୁ ମାଝି**
**ପ୍ରାର୍ଥୀ, ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ**

**କାହାକୁ ଆପଣ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାବୁଛନ୍ତି?**

ମୋ ବ୍ୟତୀତ ୧୧ଜଣ ନିର୍ବାଚନ ଲଢୁଛନ୍ତି। ମାତ୍ର ସେମାନେ ମୋ ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି। ଲୋକଙ୍କ ଆଶୀର୍ବାଦ ମୋ ଉପରେ ଅଛି। ତେଣୁ ବିଜୟ ସୁନିଶ୍ଚିତ।

**ଗତ ନିର୍ବାଚନ ତୁଳନାରେ ମତଦାନ ବଢ଼ିବ କି?**

ଜନସଂଖ୍ୟା ବଢ଼ିଛି, ଭୋଟରଙ୍କ ସଂଖ୍ୟା ବଢ଼ିଛି। ତେଣୁ ମତଦାନ ବଢ଼ିବା ସ୍ୱାଭାବିକ। ମୋ ପ୍ରତି ଭୋଟରଙ୍କ ଭଲପାଇବା ରହିଛି, ସେମାନେ ମେ' ୨୫ରେ ଦେଖାଇଦେବେ। ସେମାନଙ୍କ ପାଇଁ ପୂର୍ବରୁ ମୁଁ କାମ କରିଆସୁଛି। ଆଜୀବନ କାମ କରିବି।

**କେଉଁ ଭୋଟର ଗୋଷ୍ଠୀଙ୍କ ଦୃଢ଼ ସମର୍ଥନ ପାଇବେ ବୋଲି ଆଶା କରୁଛନ୍ତି?**

ନିର୍ଦ୍ଦିଷ୍ଟ ଗୋଷ୍ଠୀ ନୁହେଁ, ମୋ ନିର୍ବାଚନମଣ୍ଡଳୀର ଗୋଟି ଗୋଟି ଭୋଟରଙ୍କ ସମର୍ଥନ ମୋ ସହିତ ରହିଛି। ବସ୍ତିର ପିଲାମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଗରିବ ଗରିବ କୁଡ଼ିଆରେ ରହୁଛନ୍ତି, ଧନୀ ଆହୁରି ଧନୀ ହେଉଛନ୍ତି। ତେଣୁ ସବୁ ବର୍ଗର ବ୍ୟକ୍ତି ପରିବର୍ତ୍ତନ ଚାହୁଁଛନ୍ତି।

## ସଂକ୍ଷେପରେ

### ବିଶ୍ୱ ମ୍ୟୁଜିୟମ ଦିବସ ପାଳିତ

କଟକ,୨୦।୫ (କାର୍ତ୍ତିକ ସାହୁ)

ପ୍ରତାପନଗରୀସ୍ଥିତ ଐତିହାସିକ ଜୈନ ସଂଗ୍ରହାଳୟରେ ବିଶ୍ୱ ମ୍ୟୁଜିୟମ ଦିବସ ପାଳିତ ହୋଇଯାଇଛି। ସାଂସ୍କୃତିକ ଅନୁଷ୍ଠାନ କଳାଭୂମି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇନ୍‌ଟାକ ଭୁବନେଶ୍ୱର ଶାଖାର ସଭାପତି ଅନୀଲ କୁମାର ଧୀର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ମହେନ୍ଦ୍ର ସିଂ ଯୋଗଦେଇ ଓଡ଼ିଶାରେ ଜୈନ ପ୍ରାଚୀର କୀର୍ତ୍ତିରାଜୀର ଐତିହ୍ୟ ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଜୈନ ବିଭାଗର ସଂଯୋଜିକା ଡ. ସୁଚିତ୍ରା ଦାସ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ନବ ନିର୍ମାଣ ବିକାଶ ମଞ୍ଚର ସଭାପତି ଡ. ଜ୍ଞାନଗୁରୁ ଦାସ, ଅଧ୍ୟାପିକା ବିଦ୍ୟୁଲତା ନାୟକ, ଦେବୀପ୍ରସାଦ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। କଳାଭୂମିର ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ପତି ଧନ୍ୟବାଦ ଦେଇଥିଲେ।

### 'ବ୍ରାହ୍ମଣମାନେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ'

କଟକ,୨୦।୫ (କାର୍ତ୍ତିକ ସାହୁ) ରାଷ୍ଟ୍ରୀୟ ସୂର୍ଯ୍ୟାଂଶୀ ଶାକଦ୍ୱୀପ ବ୍ରାହ୍ମଣ ସଂଗଠନର ଏକ ବୈଠକ ବିଡ଼ାନାସୀସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଅଧ୍ୟକ୍ଷ ପଣ୍ଡିତ ବିଜୟ ନାୟକ ପୌରୋହିତ୍ୟ କରି ଆଗାମୀ ବାର୍ଷିକ ଉତ୍ସବରେ ଭାରତର ବିଭିନ୍ନ ସ୍ଥାନରୁ ବ୍ରାହ୍ମଣମାନେ ଯୋଗଦାନ କରିବେ ବୋଲି କହିଥିଲେ। ସଂଗଠନର ମହାସଚିବ ଡା. ରଞ୍ଜିତ୍ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେବା ସହ ଓଡ଼ିଶାର ସମସ୍ତ ଶାକଦୀପିୟ ବ୍ରାହ୍ମଣମାନଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଡା. ପ୍ରଭାତ ଯୋଶୀ ଜ୍ୟୋତିଷ ବେଦ କର୍ମକାଣ୍ଡ ଅଧ୍ୟୟନ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। କୋଷାଧ୍ୟକ୍ଷ ପଣ୍ଡିତ ସନ୍ତୋଷ ନାୟକ, ଉପସଭାପତି ପଣ୍ଡିତ ଉମାକାନ୍ତ ମହାପାତ୍ର, ସଂଯୋଜକ ପଣ୍ଡିତ କୃଷ୍ଣବଲ୍ଲଭ ନାୟକ, ପ୍ରବକ୍ତା ପଣ୍ଡିତ ଭବାନୀ ଶଙ୍କର ମହାପାତ୍ର, ଆଦିତ୍ୟ ପାଣିଗ୍ରାହୀ, ଯଦୁମଣି ଦାଶ, ଆଶିଷ ଆଚାର୍ଯ୍ୟ, ରଶ୍ମି ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତାରେ ନାବାଳିକାଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୫
(ସୂର୍ଯ୍ୟକାନ୍ତ ବେହେରା)

ରାସ୍ତା ମଝିରେ ଜଣେ ନାବାଳିକାଙ୍କ ଚୁଟିକୁ ଧରି ଟଣାଓଟରା କରି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କ ବାପାଙ୍କୁ ଏକ କାଚ ବୋତଲରେ ଆକ୍ରମଣ କରି ଲହୁଲୁହାଣ କଲେ। ଏହି ଘଟଣାରେ ଖାରବେଳନଗର ଥାନା ପୋଲିସ ୟୁନିଟ-୩ ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ଏ. ବାବୁ ରେଡ୍ଡୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ବାବୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ୧୭ ତାରିଖ ସନ୍ଧ୍ୟାରେ ଅଭିଯୋଗକାରିଣୀ ନାବାଳିକା ଜଣକ ଟ୍ୟୁଶନରୁ ଘରକୁ ଫେରିବା ରାସ୍ତାରେ ଅଭିଯୁକ୍ତ ଏ. ବାବୁ ତାଙ୍କୁ ଏକୁଟିଆ ଦେଖି ତାଙ୍କ ସହିତ ଅଶାଳୀନ ବ୍ୟବହାର କରିବା ସହ ତାଙ୍କ ଚୁଟି ଧରି ଟଣାଓଟରା କରିଥିଲେ। ଘଟଣା ସମ୍ପର୍କରେ ଝିଅ ନିକଟରୁ ସବୁ ଶୁଣି ସାରିବା ପରେ ତାଙ୍କ ବାପା ଅଭିଯୁକ୍ତଙ୍କୁ ଏନେଇ ପଚାରିଥିଲେ। ହେଲେ ଅଭିଯୁକ୍ତ ଏ. ବାବୁ ଏଥିରେ ଉତକ୍ଷିପ୍ତ ହୋଇ ଏକ କାଚ ବୋତଲରେ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ ୨୩୭/୨୪) ରୁଜୁ ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ନୃସିଂହ ନାଥ ଠାକୁରଙ୍କ ପୀଠରେ ଯଜ୍ଞ, ଭାଗବତ ସପ୍ତାହ

**କଟକ ସଦର,୨୦।୫(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅଧୀନ ବୋଧପୁର ଗ୍ରାମ ନୃସିଂହ ନାଥ ଦେବଙ୍କ ମନ୍ଦିରରେ ମହାଜ୍ଞାନ ଯଜ୍ଞ, ଭାଗବତ ସପ୍ତାହ ଓ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ୧୭ ତାରିଖରୁ ଆରମ୍ଭ ହୋଇ ୨୩ରେ ପୂର୍ଣ୍ଣାହୁତି ହେବ। ପ୍ରତ୍ୟେକ ଦିନ ଯଜ୍ଞ ସହିତ ଖ୍ୟାତନାମା ପ୍ରବଚକମାନେ ରାତି ୮ଟାରୁ ୧୧ ପର୍ଯ୍ୟନ୍ତ ପ୍ରବଚନ ଦେଉଛନ୍ତି। ମନ୍ଦିର ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ଆୟୋଜିତ ଏହି ଯଜ୍ଞରେ ବ୍ୟାସ ରାଜେଶ ତ୍ରିପାଠୀ, ସସ୍ମିତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ମଙ୍ଗଳବାର ପ୍ରଧାପିକା ବିଦ୍ୟୁତ୍ ମିଶ୍ର, ୨୨ ଓ ୨୩ ତାରିଖରେ ପଣ୍ଡିତ ନାରାୟଣ ପଣ୍ଡା ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି।

# ମତଦାନ କରିବେ ୨୧,୫୪,୩୩୬ ଭୋଟର

କଟକ,୨୦।୫ (କାର୍ତ୍ତିକ ସାହୁ)

**କଟକ ଜିଲା**
- ୨୨୮୯ ବୁଥ୍‌ରୁ ମଡେଲ ବୁଥ୍ ୪୨୬
- ପୁରୁଷ ୧୧,୦୫,୮୪୬, ମହିଳା ୧୦,୪୮,୨୨୪
- ୪୨,୧୩୧ ଭିନ୍ନକ୍ଷମ, ୮୫ ବର୍ଷରୁ ଅଧିକ ବୟସ୍କ ୨୯,୦୧୦

ଚଳିତ ସାଧାରଣ ନିର୍ବାଚନ ନିମନ୍ତେ କଟକ ଜିଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଓଡ଼ିଶାରେ ଚାଲିଥିବା ୪ ପର୍ଯ୍ୟାୟ ଭୋଟ ଗ୍ରହଣ ମଧ୍ୟରୁ କଟକ ଜିଲାରେ ତୃତୀୟ ପର୍ଯ୍ୟାୟ ମେ ୨୫ ଓ ଚତୁର୍ଥ ପର୍ଯ୍ୟାୟ ଜୁନ୍ ୧ରେ ହେବ। ଏଥର ଜିଲାରେ ମୋଟ ଭୋଟର ସଂଖ୍ୟା ୨୧,୫୪,୩୩୬ ହୋଇଥିବା ବେଳେ ପୁରୁଷ ଭୋଟର ୧୧,୦୫,୮୪୬ ଓ ମହିଳା ଭୋଟର ୧୦,୪୮,୨୨୪ ଅଛନ୍ତି। ତନ୍ମଧ୍ୟରୁ ରାଜ୍ୟ ବାହାରେ ଚାକିରି କରିଥିବା ଭୋଟର ୪୨୦୫ ଅଛନ୍ତି। ଭିନ୍ନକ୍ଷମ ଭୋଟର ୪୨,୧୩୧ ଜଣଙ୍କ ମଧ୍ୟରୁ ପୁରୁଷ ୨୩,୭୬୮, ମହିଳା ୧୮,୩୬୧ ଓ ଅନ୍ୟାନ୍ୟ ୨ ଜଣ। ୮୫ ବର୍ଷରୁ ଅଧିକ ବୟସ୍କ ଭୋଟର ୨୯,୦୧୦ ଜଣ ମଧ୍ୟରୁ ପୁରୁଷ ୧୪,୩୨୧, ମହିଳା ୧୪,୬୮୭ ଓ ଅନ୍ୟାନ୍ୟ ୨ ଜଣ ଅଛନ୍ତି। ଏହି ଭୋଟରମାନଙ୍କ ପାଇଁ ସାରା ଜିଲାରେ ମୋଟ ୨୨୮୯ଟି ବୁଥ କରାଯାଇଛି। ତନ୍ମଧ୍ୟରେ ୪୨୬ଟି ମଡେଲ ବୁଥ ରହିଥିବା ବେଳେ ଭିନ୍ନକ୍ଷମଙ୍କ ପାଇଁ ୨ଟି, ମହିଳାଙ୍କ ପାଇଁ ସଖି ବୁଥ ୨୦୮, ଯୁବବର୍ଗଙ୍କ ପରିଚାଳିତ ବୁଥ ୧୮ ଓ ଜଟିଳ ବୁଥ ୯୭୦ଟି ସମେତ ଅନ୍ୟାନ୍ୟ ପ୍ରକାରର ବୁଥ୍‌ଗୁଡ଼ିକ ରହିଛି। ନିର୍ବାଚନମଣ୍ଡଳୀ ଅନୁସାରେ ବୁଥ ସଂଖ୍ୟା ବଡ଼ମ୍ବାରେ ୨୯୨, ବାଙ୍କୀରେ ୨୩୭, ଆଠଗଡ଼ରେ ୨୫୪, ବାରବାଟୀ କଟକରେ ୨୧୬, ଚୌଦ୍ୱାର କଟକରେ ୨୧୨, ନିଆଳିରେ ୨୭୪, କଟକ ସଦରରେ ୨୪୨, ସାଲେପୁରରେ ୨୫୩, ମାହାଙ୍ଗାରେ ୩୦୯ଟି ହୋଇଛି।

ସୂଚନା ଅନୁସାରେ, ବଡ଼ମ୍ବା ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୨,୪୭,୧୧୬ ହୋଇଥିବାବେଳେ ପୁରୁଷ ୧,୨୯,୬୯୨, ମହିଳା ୧,୧୭,୪୦୨ ଓ ଅନ୍ୟାନ୍ୟ ୨୨, ବାଙ୍କୀରେ ମୋଟ ଭୋଟର ସଂଖ୍ୟା ୨,୧୮,୯୪୧ ମଧ୍ୟରୁ ପୁରୁଷ ୧,୧୩,୬୬୧, ମହିଳା ୧,୦୫,୨୭୦ ଓ ଅନ୍ୟାନ୍ୟ ୧୦, ଆଠଗଡ଼ରେ ମୋଟ ଭୋଟର ସଂଖ୍ୟା ୨,୧୩,୪୩୪ ମଧ୍ୟରୁ ପୁରୁଷ ୧,୦୯,୪୪୦, ମହିଳା ୧,୦୩,୯୮୪ ଓ ଅନ୍ୟାନ୍ୟ ୧୦ ରହିଛନ୍ତି। ବାରବାଟୀ କଟକରେ ମୋଟ ଭୋଟର ସଂଖ୍ୟା ୨,୪୪,୪୭୦ ମଧ୍ୟରୁ ପୁରୁଷ ୧,୨୩,୩୨୮, ମହିଳା ୧,୨୧,୧୦୯ ଓ ଅନ୍ୟାନ୍ୟ ୩୩, ଚୌଦ୍ୱାର କଟକରେ ମୋଟ ଭୋଟର ସଂଖ୍ୟା ୨,୩୩,୭୨୦ ମଧ୍ୟରୁ ପୁରୁଷ ୧,୧୯,୨୭୧, ମହିଳା ୧,୧୪,୩୪୬ ଓ ଅନ୍ୟାନ୍ୟ ୧୦୩ ଅଛନ୍ତି। ନିଆଳିରେ ମୋଟ ଭୋଟର ସଂଖ୍ୟା ୨,୪୮, ୩୭୭ ମଧ୍ୟରୁ ପୁରୁଷ ୧,୨୬,୯୭୬, ମହିଳା ୧,୨୧,୩୭୪ ଓ ଅନ୍ୟାନ୍ୟ ୨୭, କଟକ ସଦରରେ ମୋଟ ଭୋଟର ସଂଖ୍ୟା ୨,୨୮,୫୬୪ ମଧ୍ୟରୁ ପୁରୁଷ ୧,୧୬,୬୯୦, ମହିଳା ୧,୧୧,୮୫୨ ଓ ଅନ୍ୟାନ୍ୟ ୨୨ ଜଣ ରହିଛନ୍ତି। ସେହିପରି ସାଲେପୁରରେ ମୋଟ ଭୋଟର ସଂଖ୍ୟା ୨,୪୮,୬୧୧ ମଧ୍ୟରୁ ପୁରୁଷ ୧,୨୬,୬୬୭, ମହିଳା ୧,୨୧,୯୨୧ ଓ ଅନ୍ୟାନ୍ୟ ୨୩, ମାହାଙ୍ଗାରେ ମୋଟ ଭୋଟର ସଂଖ୍ୟା ୨,୭୧,୧୦୩ ମଧ୍ୟରୁ ପୁରୁଷ ୧,୪୦,୧୨୧, ମହିଳା ୧,୩୦,୯୬୬ ଓ ଅନ୍ୟାନ୍ୟ ୧୬ ଅଛନ୍ତି।

ଏଥିସହ ଶାରୀରିକ ଭିନ୍ନକ୍ଷମ ଭୋଟର ସଂଖ୍ୟା ବଡ଼ମ୍ବା ବ୍ଲକରେ ୪୪୫୩, ବାଙ୍କୀରେ ୪୩୦୧, ଆଠଗଡ଼ରେ ୫୮୮୦, ବାରବାଟୀ କଟକରେ ୩୨୬୮, ଚୌଦ୍ୱାର କଟକରେ ୩୭୬୨, ନିଆଳିରେ ୪୨୬୮, କଟକ ସଦରରେ ୪୫୧୦, ସାଲେପୁରରେ ୬୦୦୩, ମାହାଙ୍ଗାରେ ୫୬୯୬ ଜଣ ଅଛନ୍ତି। ସେହିପରି ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଭୋଟର ସଂଖ୍ୟା ବଡ଼ମ୍ବା ବ୍ଲକରେ ୩୦୬୯, ବାଙ୍କୀରେ ୨୫୦୨, ଆଠଗଡ଼ରେ ୨୭୬୩, ବାରବାଟୀ କଟକରେ ୩୬୧୩, ଚୌଦ୍ୱାର କଟକରେ ୨୭୫୯, ନିଆଳିରେ ୩୯୯୭, କଟକ ସଦରରେ ୨୮୧୩, ସାଲେପୁରରେ ୩୧୧୫, ମାହାଙ୍ଗାରେ ୪୩୭୯ ଜଣ ଅଛନ୍ତି।

# ରନ୍ଧା ବାର୍‌ହା ମାଂସ ସହିତ ଶିକାରୀ ଗିରଫ: ୨ କେଜି ମାଂସ ଜବତ

ଖୁଣ୍ଟୁଣୀ,୨୦।୫(ସଚ୍ଚିଦାନନ୍ଦ ପଣ୍ଡା):

ବନ୍ୟଜନ୍ତୁ ଶିକାର କରି ଦୀର୍ଘ ଦିନ ଧରି ଜଙ୍ଗଲ ବିଭାଗ ଆଖିରେ ଧୂଳି ଦେଇ ବୁଲୁଥିବା ଜଣେ ପେସାଦାର ଶିକାରୀଙ୍କୁ ସୋମବାର ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଗିରଫ କରାଯାଇଛି। ସେ ହେଲେ ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ପୁରୁଷୋତ୍ତମପୁର ଗ୍ରାମର ବିନୋଦ ବଦରା। ବିନୋଦଙ୍କଠାରୁ ୨ କେଜି ରନ୍ଧା ବାର୍‌ହା ମାଂସ ଜବତ କରାଯାଇଛି। ଏନେଇ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଓଆର ୧୭ କେ. ୨୪/୨୫ରେ ଏକ ମାମଲା ରୁଜୁ ହୋଇଛି।

ବିନୋଦ ମଧ୍ୟାହ୍ନରେ ନିକଟସ୍ଥ ହରିପୋଲେଇ ସଂରକ୍ଷିତ ଜଙ୍ଗଲରୁ ଏକ ବାର୍‌ହା ମାରି ଏହାର ମାଂସକୁ ବିକିବା ସହିତ ଏଥିରୁ ୨ କେଜି ମାଂସ ନିଜ ଘରେ ରାନ୍ଧୁଥିବା ଖୁଣ୍ଟୁଣୀ ବନାଞ୍ଚଳ ଖବର ପାଇଥିଲା। ବନାଞ୍ଚଳ ଅଧିକାରୀ ନୀଳମାଧ ସାହୁ ଓ ସହଯୋଗୀ ଫରେଷ୍ଟର ସରୋଜ ପଣ୍ଡା ପ୍ରମୁଖ ତୁରନ୍ତ ପୁରୁଷୋତ୍ତମପୁର ଗ୍ରାମ ମୁଣ୍ଡାସାହିକୁ ଯାଇ



ବିନୋଦଙ୍କୁ ମାଂସ ସହିତ ତାଙ୍କ ଘରୁ ଗିରଫ କରିଥିଲେ। ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ମୁତାବକ ବିନୋଦଙ୍କ ନାମରେ ମାମଲା ରୁଜୁ ହୋଇଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି।

## ଶୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ



ଶୁଦ୍ଧାନନ୍ଦ ବୈଷୟିକ କଲେଜ ପରିସରରେ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଫୁଲନଖରା,୨୦।୫
(ସତ୍ୟରଞ୍ଜନ ଦାସମହାପାତ୍ର):

ମଣିଷକୁ ସୁସ୍ଥ ଏବଂ ଦୀର୍ଘାୟୁ କରିବାର ଲକ୍ଷ୍ୟ ନେଇ କଟକ ସଦର ଥାନା ଅଧୀନ ନଛିପୁର ନିକଟରେ ଥିବା ପୁରାତନ ଶିକ୍ଷା ପ୍ରତିଷ୍ଠାନ ଶୁଦ୍ଧାନନ୍ଦ ବୈଷୟିକ କଲେଜ ପରିସରରେ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶୁଦ୍ଧାନନ୍ଦ ଶିକ୍ଷା ସମୂହ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଜୟଦେବ ସମ୍ମାନପ୍ରାପ୍ତ ଡ. ସୁନୀଲ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା ଅଧ୍ୟକ୍ଷ ତଥା ଡି.ଲିଟ୍‌ପ୍ରାପ୍ତ ଆୟୁର୍ବେଦ ଗବେଷକ ଡାକ୍ତର ଦୀନବନ୍ଧୁ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ଏବଂ ଦୀର୍ଘ ଜୀବନ ପାଇଁ ପ୍ରତିଦିନ ବ୍ୟାୟାମ କରିବା, ସିଝାପାଣି ପିଇବା, ବାସିଖାଦ୍ୟ ଓ ତେଲଛଣା ଖାଦ୍ୟ ବର୍ଜନ କରିବା ସହିତ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଆୟୁର୍ବେଦ ଔଷଧ ସେବନ କରିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆୟୁର୍ବେଦ ଔଷଧ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ରଞ୍ଜନ ସାହୁ, ପ୍ରଫେସର ଚିତ୍ତରଞ୍ଜନ ପଣ୍ଡା, ପ୍ରଫେସର ସରିତା ନାୟକ, ଟ୍ୱିନ୍ ସିଟି ପ୍ରେସ୍ କ୍ଲବ ଉପସଭାପତି ଚିନ୍ମୟ ରଞ୍ଜନ ମହାରଣା, ଶିକ୍ଷାବିତ୍ ସୁଭାଶିଷ ତ୍ରିପାଠୀ ଓ ଭାଗବତ ମିଶ୍ର ପ୍ରମୁଖ ଯୋଗଦେଇ ଶାରୀରିକ ସୁସ୍ଥତା, ମାନସିକ ଓ ଆତ୍ମିକ ପରିପୂର୍ଣ୍ଣତା ପାଇଁ ଚରିତ୍ର ଗଠନ ଏବଂ ସୁସ୍ଥ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଡ. ପଟ୍ଟନାୟକଙ୍କୁ ମୁଖ୍ୟ ଅତିଥି ଡା. ମହାରଣା ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

### ଆକ୍ରମଣ କରି ଲୁଟ୍, ୨ ଗିରଫ

ଭୁବନେଶ୍ୱର,୨୦।୫
(ସୂର୍ଯ୍ୟକାନ୍ତ ବେହେରା)

ରାସ୍ତାରେ ଅଟକାଇ ଆକ୍ରମଣ କରିବା ପରେ ମୋବାଇଲ ଲୁଟିନେବା ଘଟଣାରେ ଭରତପୁର ଥାନା ପୋଲିସ ୨ଜଣ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସୁକାନ୍ତ ମାଝି ଓ ବିକାଶ କୁମାର ମହାନ୍ତି। ଉଭୟଙ୍କଠାରୁ ୩ଟି ମୋବାଇଲ ଓ ମୋଟରସାଇକେଲ ଜବତ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ରବୀନ୍ଦ୍ର କୁମାର ବେହେରାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୩୪୫/୨୪) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଶନିବାର ରାତିରେ ଅଭିଯୋଗକାରୀ ରବୀନ୍ଦ୍ର ଓ ତାଙ୍କର ଦୁଇ ବନ୍ଧୁ କିଛି ଲୁହା ଗ୍ରୀଲ୍ ଝରକା ଏବଂ କବାଟ ଆଦିକୁ ନିଜ ଅଟୋରେ ଲଦି ଘାଟିକିଆସ୍ଥିତ ଘରକୁ ଫେରୁଥିଲେ। ବିପୁଳ ଗାର୍ଡେନ ଆପାର୍ଟମେଣ୍ଟ ନିକଟରେ ଦୁଇ ଅଭିଯୁକ୍ତ ଓ ଜଣେ ସହଯୋଗୀ ଏକ ବାଇକରେ ଆସି ସେମାନଙ୍କୁ ରାସ୍ତାରେ ଅଟକାଇବା ସହିତ ଅଟୋରେ ଥିବା ଲୁହାଗ୍ରୀଲ କେଉଁଠାରୁ ଆଣିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ହେଲେ ରବୀନ୍ଦ୍ର କିଛି କହିବା ପୂର୍ବରୁ ଅଭିଯୁକ୍ତମାନେ ଆକ୍ରମଣ କରି ୩ଟି ମୋବାଇଲ ଛଡାଇ ଫେରାର ହୋଇଯାଇଥିଲେ।

## ଦମ୍ପତିଙ୍କ ଉପରେ ଚଢ଼ିଗଲା ଗାଡ଼ି

ଫୁଲନଖରା,୨୦।୫
(ସତ୍ୟରଞ୍ଜନ ଦାସମହାପାତ୍ର):

କଟକ- ଭୁବନେଶ୍ୱର ୧୬ନଂ. ଜାତୀୟ ରାଜପଥର ଫୁଲନଖରା ଓଭରବ୍ରିଜ୍ ଉପରେ ସୋମବାର ସକାଳେ ଗାଡ଼ି ଧକ୍କାରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଭଦ୍ରକ ତିହିଡ଼ି ଥାନା ଅଞ୍ଚଳର ବିଜୟ ନାୟକ ଓ ସ୍ତ୍ରୀ ଲିତା ବେହେରା। ଏନେଇ କଟକ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଉଭୟ ଦମ୍ପତି ଏକ ବାଇକ୍‌ରେ ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିଲେ। ଯିବା ସମୟରେ ଫୁଲନଖରା ଓଭର ବ୍ରିଜ ମଝିରେ ହଠାତ୍ ଏକ ଗାଡ଼ି ପଛପଟୁ ଧକ୍କା ଦେଇଥିଲା। ଫଳରେ ଦମ୍ପତି ରାସ୍ତାରେ ପଡ଼ି ଯାଇଥିଲେ। ପରେ ଉଭୟଙ୍କ ଉପରେ ଗାଡ଼ି ଚକା ଚଢିଯିବାରୁ ଗୁରୁତର ଅବସ୍ଥାରେ ରାସ୍ତାରେ ପଡି ରହିଥିଲେ। ଖବର ପାଇ ଘଟଣାସ୍ଥଳରେ କଟକ ସଦର ଥାନା ପୋଲିସ ଓ ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ପହଞ୍ଚି ଦମ୍ପତିଙ୍କୁ ଉଦ୍ଧାର କରି କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ମୋ ବସ୍‌ରେ ଚଢ଼ିବା ବେଳେ ଯାତ୍ରୀଙ୍କ ମୋବାଇଲ ଚୋରି

ଭୁବନେଶ୍ୱର,୨୦।୫
(ସୂର୍ଯ୍ୟକାନ୍ତ ବେହେରା)

ମୋ ବସ୍‌ରେ ଚଢୁଥିବା ସମୟରେ ପାହାଳ ଅଞ୍ଚଳର ରଜତ କୁମାର ସ୍ୱାଇଁଙ୍କ ପକେଟରୁ ମୋବାଇଲ ଚୋରି ହୋଇଯାଇଛି। ଏନେଇ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତକୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ନୟାପଲ୍ଲୀସ୍ଥିତ ସିଆର୍‌ପିଏଫ୍ ଛକରେ ଚୋରି ହୋଇଥିବା ନେଇ ସେ ଏତଲାରେ ଦର୍ଶାଇଛନ୍ତି। ସୂଚନାନୁସାରେ, ଭୁବନେଶ୍ୱରରେ ଚାଲୁଥିବା ମୋ ବସ୍‌ରୁ ଯାତ୍ରୀଙ୍କଠାରୁ ବାରମ୍ବାର ମୋବାଇଲ ଓ ଅନ୍ୟାନ୍ୟ ଜିନିଷ ଚୋରି ହେଉଛି। ଲୁଟେରାମାନେ ଗହଳିର ସୁଯୋଗ ନେଇ ବସ୍ ଭିତରୁ ଚୋରି କରିବାରେ ସକ୍ଷମ ହେଉଛନ୍ତି। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ସତ, ହେଲେ ଏହି ଚୋରିରେ ରୋକ ଲାଗିପାରୁନି।

## ୩ ରଥର ତୁମ୍ବଗୁଡ଼ିକରେ ପନ୍ଦାରି ଗାଡ଼ ଖୋଦେଇ ଆରମ୍ଭ



ପୁରୀ,୨୦।୫ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ସୋମବାର ଦଶମ ଦିନରେ ପହଞ୍ଚିଛି। ସୋମବାର ସନ୍ଧ୍ୟା ସୁଦ୍ଧା ୩ ରଥର ୪୨ଟି ତୁମ୍ବରେ ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ତିନିରଥ ମହାରଣା ସେବକମାନେ ଶେଷ କଲା ପରେ ସେହି ତୁମ୍ବଗୁଡ଼ିକରେ ଅରକଣ୍ଟା ବାଡିଆ ପାଇଁ ଅଗର ବିନ୍ଧ କାର୍ଯ୍ୟ ମଧ୍ୟ ଶେଷ କରିଛନ୍ତି। ଉକ୍ତ ତୁମ୍ବଗୁଡ଼ିକୁ ଭୋଇ ସେବକଙ୍କ ସହାୟତାରେ ସଳଖ କରାଯାଇଥିଲା। ପରେ ୩ ରଥର ମହାରଣା ସେବକମାନେ ତୁମ୍ବଗୁଡ଼ିକରେ ଅଖ ସଂଯୋଗ ପାଇଁ ପନ୍ଦାରି ଗାଡ଼ ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ତାଳଧ୍ୱଜ ରଥର ୧୪ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ, ଦର୍ପଦଳନ ରଥର ୧୨ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ ଓ ନନ୍ଦିଘୋଷ ରଥର ୧୬ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ମହାରଣା ସେବକମାନେ ଶେଷ କରି ଉକ୍ତ ତୁମ୍ବଗୁଡ଼ିକରେ ଅରକଣ୍ଟା ବାଡ଼ିଆ ପାଇଁ ଅଗର ବିନ୍ଧ କାର୍ଯ୍ୟ ଶେଷ କରିଥିଲେ। ପରେ ତୁମ୍ବରେ ଅଖ ସଂଯୋଗ ପାଇଁ ପନ୍ଦାରି ଗାଡ଼ ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅପରପକ୍ଷରେ ଦୋଳବେଦୀ ଅସ୍ଥାୟୀ କମାରଶାଳରେ ୩ ରଥର ଓଝା ସେବକମାନେ ତିନି ରଥର ଚକା ଡେରା ନୀତି ପାଇଁ ଆବଶ୍ୟକ ପ୍ରକାରେ ଗୋଟିଏ ଗୋଟିଏ ନାହାକା ତୁମ୍ବ ପାଇଁ ୪ଟି ଲେଖାଏଁ ୧୨ଟି ବଡ଼ ସାଇଜ ପନ୍ଦାରି ବଳା ନିର୍ମାଣ କରିଛନ୍ତି। ୩ ରଥର ଦୁଇ ଦୁଇଟି ଚକ ନିର୍ମାଣ ପାଇଁ ଆବଶ୍ୟକ ୩୨ ଯୋଡ଼ା ଲେଖାଏଁ ଅରକଣ୍ଟା ନିର୍ମାଣ ଶେଷ କରି ବାକି ତୁମ୍ବଗୁଡ଼ିକ ପାଇଁ ଅରକଣ୍ଟା ଏବଂ ପନ୍ଦାରି ବଳା ନିର୍ମାଣ ଜାରି ରଖିଛନ୍ତି।

# ପ୍ରାର୍ଥୀଙ୍କୁ ପରଖୁଛନ୍ତି ଭୋଟର

କଟକ, ୨୦।୫(ଦିବାକର ସାହୁ):

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସୋମବାର ସରିଥିବାବେଳେ ୨୫ ତାରିଖରେ ତୃତୀୟ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ନିର୍ବାଚନ ମଇଦାନରେ ଜୋରଦାର କସରତ ଚାଲିଛି। ବିଭିନ୍ନ ଦଳର ପ୍ରାର୍ଥୀଙ୍କ ସହ ସ୍ୱାଧୀନ ପ୍ରାର୍ଥୀମାନେ ଭୋଟରଙ୍କୁ ମନେଇବାକୁ ଚେଷ୍ଟା ଜାରି ରଖିଛନ୍ତି। ଭୋଟରମାନେ ମଧ୍ୟ ପ୍ରାର୍ଥୀଙ୍କୁ ପରଖୁଛନ୍ତି। କେଉଁ ପ୍ରାର୍ଥୀଙ୍କ ଯୋଗ୍ୟତା କେତେ, ସମ୍ପତ୍ତି ପରିମାଣ, ଥାନାରେ କେତୋଟି ମାମଲା ରହିଛି ଇତ୍ୟାଦି ସମ୍ପର୍କରେ ଅନୁଶୀଳନ କରୁଛନ୍ତି। ଏ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।

### ଭୋଟଦାନ ପ୍ରକ୍ରିୟା ସ୍ୱଚ୍ଛ ହେଲେ ସମସ୍ତଙ୍କ ପାଇଁ ଭଲ



"ଭୋଟ ଦେବା ଆମର ମୌଳିକ ଅଧିକାର। ହେଲେ ଏହି ଭୋଟ ଆଉ ସମ୍ପୂର୍ଣ୍ଣ ନିରପେକ୍ଷ ନାହିଁ। ବଜାରରେ ଜିନିଷ କିଣାବିକା ହେଲା ଭଳି ଚାଲିଛି। ପ୍ରାର୍ଥୀ ଅର୍ଥବଳରେ ଭୋଟରଙ୍କୁ କିଣି ନେଉଛନ୍ତି, ଆଉ ଜିତିବା ପରେ ୫ବର୍ଷ ପର୍ଯ୍ୟନ୍ତ ଦେଶକୁ ଲୁଟୁଛନ୍ତି। ଏଥିପାଇଁ ନିର୍ବାଚନ ପୂର୍ବରୁ ଟଙ୍କା ବାଣ୍ଟୁଥିବା ପ୍ରାର୍ଥୀଙ୍କ ବିରୋଧରେ ଉଚିତ ପଦକ୍ଷେପ ନିଆଯିବା ଆବଶ୍ୟକ। ସେମାନଙ୍କ ପ୍ରାର୍ଥିପତ୍ର ନାକଚ କରାଯିବା ଉଚିତ। ଭୋଟଦାନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେଲେ ଆମ ସମସ୍ତଙ୍କ ପାଇଁ ଭଲ।

– ସ୍ମୃତିରେଖା ନାୟକ, ଛାତ୍ରୀ, କମ୍ପାନୀ ସଚିବ ସଂସ୍ଥାନ।

### ସବୁକିଛି ତର୍ଜମା କରି ପ୍ରାର୍ଥୀ ଚୟନ କରିବି



"ଭୋଟଦାନ ପ୍ରକ୍ରିୟାରେ ପ୍ରଥମ ଥର ସାମିଲ ହେଉଥିବାରୁ ବହୁତ ଖୁସି ଅଛି। କଲେଜରେ ପଢ଼ିବା ଦିନଠାରୁ ମୁଁ ସରକାରଙ୍କ ଦ୍ୱାରା ହେଉଥିବା ଉନ୍ନତିମୂଳକ କାର୍ଯ୍ୟ ସବୁ ଦେଖିଆସୁଛି। ଗରିବଙ୍କୁ ମାଗଣା ରାଶନ ସାମଗ୍ରୀଠାରୁ ଆରମ୍ଭ କରି ଚିକିତ୍ସା ଖର୍ଚ୍ଚ ସରକାର ବହନ କରୁଛନ୍ତି। ଏଥିସହ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏସବୁକୁ ତର୍ଜମାକରି ମୁଁ ଦଳ ଆଉ ପ୍ରାର୍ଥୀ ଚୟନ କରିବି। ମତଦାନ ଦିବସରେ ମୁଁ ନିଶ୍ଚୟ ବୁଥ୍‌କୁ ଯାଇ ଭୋଟ ଦେବି।

– ଅରୂପ କୁମାର ବାରିକ, ଆଇନ ବିଭାଗ ଛାତ୍ର, ମଧୁସୂଦନ ବିଶ୍ୱବିଦ୍ୟାଳୟ, କଟକ।

### ପ୍ରଥମ ଥର ମତଦାନ କରିବାକୁ ନେଇ ଖୁସି ଅଛି



"ଭାରତ ଭଳି ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନ୍ମ ହୋଇଥିବାରୁ ମୁଁ ଧନ୍ୟ ମନେ କରୁଛି। କେନ୍ଦ୍ର ଓ ରାଜ୍ୟରେ ଶାସନ କରିବା ପାଇଁ ଆମକୁ ଭଲ ସରକାରର ଆବଶ୍ୟକତା ରହିଛି। ଏଥିପାଇଁ ମୋ ସମ୍ବିଧାନ ମୋତେ ନିଜ ଇଚ୍ଛାରେ ପ୍ରାର୍ଥୀ ଓ ଦଳ ଚୟନ ପାଇଁ ସୁଯୋଗ ଦେଇଛି। ପ୍ରଥମଥର ପାଇଁ ମୁଁ ଭୋଟଦାନ ବ୍ୟବସ୍ଥା ସହ ଯୋଡ଼ି ହେବାକୁ ଯାଉଛି। ଦେଶ ଓ ରାଜ୍ୟର ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ଯାଉଛି, ସେଥିପାଇଁ ବହୁତ ଉତ୍ସାହିତ ଅଛି।

–ଅରୁଣ ପ୍ରଧାନ, ନର୍ସିଂ ଛାତ୍ର, ଏସ୍‌ସିବି ମେଡିକାଲ କଲେଜ।

### ବିଚାର କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛିବାକୁ ପଡ଼ିବ



"କଥାରେ ଅଛି ଚଷା ହୁଡ଼ିଲେ ବର୍ଷେ, ଆଉ ନେତା ହୁଡ଼ିଲେ ୫ ବର୍ଷ। ଥରେ ଭୋଟ ଦେଇ ନେତାଙ୍କୁ ବିଧାନସଭା ଓ ସଂସଦକୁ ପଠାଇଦେଲେ ଆଉ ବଦଳେଇ ହେବନାହିଁ। ବିଭିନ୍ନ ଅଞ୍ଚଳର ସମସ୍ୟାକୁ ଯେଉଁ ପ୍ରାର୍ଥୀ ବିଧାନସଭାରେ ଉଠାଇପାରିବେ ଏବଂ ଯେଉଁ ଲୋକ ସଭା ପ୍ରାର୍ଥୀ ରାଜ୍ୟର ସମସ୍ୟାକୁ ସଂସଦରେ ଉପସ୍ଥାପନ କରି ସମାଧାନ କରିପାରିବେ ସେଭଳି ପ୍ରାର୍ଥୀଙ୍କୁ ଆମକୁ ବାଛିବାକୁ ପଡ଼ିବ। ବହୁତ କମ୍ ଦିନ ଭିତରେ ନିଷ୍ପତ୍ତି ନେଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ହେବ।

–ମୃତ୍ୟୁଞ୍ଜୟ ପଣ୍ଡା, ଯୁବ ଭୋଟର, କଟକ।

### ପ୍ରାର୍ଥୀଙ୍କ ଉପଯୁକ୍ତ ଯୋଗ୍ୟତା ନିର୍ଦ୍ଧାରଣ ହେବା ଉଚିତ



"ଚଳିତ ୨୦୨୪ ନିର୍ବାଚନ ମୋ ପାଇଁ ସ୍ୱତନ୍ତ୍ର। କାରଣ ଏହା ମୋର ପ୍ରଥମ ମତଦାନ ହେବ। ଆଜିକାଲି ଯେ କେହି ବି ନିର୍ବାଚନ ଲଢୁଛନ୍ତି। ଅନେକ ପ୍ରାର୍ଥୀଙ୍କର ନା ସମ୍ପୂର୍ଣ୍ଣ ଭାଷାଜ୍ଞାନ ରହିଛି ନା ସମ୍ବିଧାନ ସମ୍ବନ୍ଧରେ କିଛି ଜଣାଅଛି। କେତେଜଣ ପ୍ରାର୍ଥୀ ପଞ୍ଚମ ପାସ୍ ବି କରିନାହାନ୍ତି। ସେମାନେ କିପରି ଦେଶ ଓ ରାଜ୍ୟକୁ ଶାସନ କରିବେ ତାହା ବୁଝାପଡୁନାହିଁ। ତେଣୁ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଉପଯୁକ୍ତ ଯୋଗ୍ୟତା ନିର୍ଦ୍ଧାରଣ କରାଗଲେ ଭଲ ହୁଅନ୍ତା।

– ଆର୍ଯ୍ୟା ବିଶ୍ୱ ବିଜୟିନୀ ଡାକୁଆ, ନର୍ସିଂ ଛାତ୍ରୀ, ଏସ୍‌ସିବି ମେଡିକାଲ କଲେଜ।

## ସଂକ୍ଷେପରେ

### ଆକ୍ରମଣ କରି ଲୁଟ୍, ୨ ଗିରଫ

ଭୁବନେଶ୍ୱର,୨୦।୫ (ସୂର୍ଯ୍ୟକାନ୍ତ ବେହେରା)

ରାସ୍ତାରେ ଅଟକାଇ ଆକ୍ରମଣ କରିବା ପରେ ମୋବାଇଲ ଲୁଟିନେବା ଘଟଣାରେ ଭରତପୁର ଥାନା ପୋଲିସ ୨ଜଣ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସୁକାନ୍ତ ମାଝି ଓ ବିକାଶ କୁମାର ମହାନ୍ତି। ଉଭୟଙ୍କଠାରୁ ୩ଟି ମୋବାଇଲ ଓ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ଏନେଇ ଲୁଟ୍‌ର ଶିକାର ହୋଇଥିବା ରବୀନ୍ଦ୍ର କୁମାର ବେହେରାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୩୪୫/୨୪) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଶନିବାର ରାତିରେ ଅଭିଯୋଗକାରୀ ରବୀନ୍ଦ୍ର ଓ ତାଙ୍କର ଦୁଇ ବନ୍ଧୁ କିଛି ଲୁହା ଗ୍ରୀଲ୍ ଝରକା ଏବଂ କବାଟ ଆଦିକୁ ନିଜ ଅଟୋରେ ଲଦି ଘାଟିକିଆସ୍ଥିତ ଘରକୁ ଫେରୁଥିଲେ। ବିପୁଳ ଗାର୍ଡେନ ଆପାର୍ଟମେଣ୍ଟ ନିକଟରେ ଦୁଇ ଅଭିଯୁକ୍ତ ଓ ଜଣେ ସହଯୋଗୀ ଏକ ବାଇକରେ ଆସି ସେମାନଙ୍କୁ ରାସ୍ତାରେ ଅଟକାଇବା ସହିତ ଅଟୋରେ ଥିବା ଲୁହାଗ୍ରୀଲ କେଉଁଠାରୁ ଆଣିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ହେଲେ ରବୀନ୍ଦ୍ର କିଛି କହିବା ପୂର୍ବରୁ ଅଭିଯୁକ୍ତମାନେ ହଠାତ ସେମାନଙ୍କ ଉପରେ ଆକ୍ରମଣ କରିବା ସହିତ ୩ଟି ମୋବାଇଲ ବଳପୂର୍ବକ ଛଡାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

### ୩୭ ହଜାର ଚୋରି କରି ଏସି ମେକାନିକ ଗିରଫ

ଭୁବନେଶ୍ୱର,୨୦।୫(ସତ୍ୟଜିତ୍ ରାଉତ)

ଏସି ସଜାଡ଼ିବାକୁ ଆସି ଘର ମାଲିକଙ୍କ ଆଲମିରାରୁ ୩୭ ହଜାର ଟଙ୍କା ଚୋରି ମାମଲାରେ ବଡ଼ଗଡ ଥାନା ପୋଲିସ ଅଭିଯୁକ୍ତ ମେକାନିକ୍‌ଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦାରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବାଲିସାହି ଗ୍ରାମର ସୂର୍ଯ୍ୟକାନ୍ତ ପଣ୍ଡା (୨୬)। ତାଙ୍କଠାରୁ ଗୋଟିଏ ବାଇକ ଓ ୬ ହଜାର ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ, ବଡ଼ଗଡ ବ୍ରିଟ୍ କଲୋନିରେ ରହୁଥିବା ବିଶ୍ୱଜିତ ସାହୁଙ୍କ ଘରେ ଲାଗିଥିବା ଏସିର ଯାନ୍ତ୍ରିକ ତ୍ରୁଟି ଠିକ କରିବାକୁ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଗତ ଏପ୍ରିଲ ୨୪ରେ ମେକାନିକ୍ ସୂର୍ଯ୍ୟକାନ୍ତଙ୍କୁ ପଠାଯାଇଥିଲା। ସୂର୍ଯ୍ୟକାନ୍ତ ଏସି ମେଶିନ୍ ଯାଞ୍ଚ୍ କରିବା ପରେ ପିସିଭି ପାର୍ଟ ଖରାପ ଥିବା ବିଶ୍ୱଜିତଙ୍କୁ ଜଣାଇବା ସହ ଛାତ ଉପରକୁ ଯାଇ କମ୍ପ୍ରେସର ଚେକ୍ କରିବା ପାଇଁ କହିଥିଲେ। ବିଶ୍ୱଜିତ ଛାତ ଉପରକୁ ଯିବା ପରେ ସୂର୍ଯ୍ୟକାନ୍ତ ଉକ୍ତ ଘରେ ଥିବା ଆଲମିରା ଖୋଲି ୩୭ ହଜାର ଟଙ୍କା ଚୋରି କରି ପଳାଇ ଯାଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୯୦/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ତେବେ ଚୋରି ଟଙ୍କାରୁ ୩୧ ହଜାର ଟଙ୍କା ବ୍ୟକ୍ତିଗତ କାମ ଓ ବାଇକ ମରାମତିରେ ଖର୍ଚ୍ଚ କରିଦେଇଥିବା ପୋଲିସକୁ ସୂର୍ଯ୍ୟକାନ୍ତ କହିଛନ୍ତି।

### ମୋ ବସ୍‌ରେ ଚଢ଼ିବା ବେଳେ ଯାତ୍ରୀଙ୍କ ମୋବାଇଲ ଚୋରି

ଭୁବନେଶ୍ୱର,୨୦।୫ (ସୂର୍ଯ୍ୟକାନ୍ତ ବେହେରା)

ମୋ ବସ୍‌ରେ ଚଢୁଥିବା ସମୟରେ ଜଣେ ଯାତ୍ରୀଙ୍କ ପକେଟରୁ କେହି ଦୁର୍ବୃତ୍ତ ମୋବାଇଲ ଚୋରି କରି ଫେରାର ହୋଇଯାଇଛନ୍ତି । ଏନେଇ ଚୋରିର ଶିକାର ହୋଇଥିବା ପାହାଳ ଅଞ୍ଚଳର ରଜତ କୁମାର ସ୍ୱାଇଁ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତକୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ନୟାପଲ୍ଲୀସ୍ଥିତ ସିଆର୍‌ପିଏଫ୍ ଛକରେ ଚୋରି ହୋଇଥିବା ନେଇ ସେ ଏତଲାରେ ଦର୍ଶାଇଛନ୍ତି। ସୂଚନାନୁସାରେ, ଭୁବନେଶ୍ୱରରେ ଚାଲୁଥିବା ମୋ ବସ୍‌ରୁ ଯାତ୍ରୀଙ୍କଠାରୁ ବାରମ୍ବାର ମୋବାଇଲ ଓ ଅନ୍ୟାନ୍ୟ ଜିନିଷ ଚୋରି ହେଉଛି। ଲୁଟେରାମାନେ କେତେବେଳେ ବସ ଷ୍ଟାଣ୍ଡ୍‌ରେ ଅପେକ୍ଷା କରି ଚୋରି କରୁଛନ୍ତି ତ ପୁଣି କେତେବେଳେ ଗହଳିର ସୁଯୋଗ ନେଇ ଭିତରୁ ଚୋରି କରିବାରେ ସକ୍ଷମ ହେଉଛନ୍ତି। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ସତ, ହେଲେ ଏହି ଚୋରିରେ ରୋକ ଲାଗିପାରୁନି।

# ମହାପ୍ରଭୁଙ୍କ ଦର୍ଶନ ସହ ରୋଡ୍ ଶୋ' କଲେ ମୋଦି

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଭାଜପା ପ୍ରାର୍ଥୀଙ୍କ ପାଇଁ ବଡ଼ଦାଣ୍ଡରେ ରୋଡ୍ ଶୋ' ମାଧ୍ୟମରେ ପ୍ରଚାର କରିଛନ୍ତି। ଏହି ରୋଡ୍ ଶୋ' ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଏହି ସମୟରେ 'ମୋଦି-ମୋଦି' ଓ 'ଜୟ ଶ୍ରୀରାମ' ନାରାରେ କମ୍ପିଉଠିଥିଲା ବଡ଼ଦାଣ୍ଡ ଅଞ୍ଚଳ।

ନିର୍ଦ୍ଧାରିତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ଭୁବନେଶ୍ୱରସ୍ଥିତ ରାଜଭବନରୁ ପୁରୀ ଅଭିମୁଖେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବାହାରିଥିଲେ। ସକାଳ ପ୍ରାୟ ୭ଟାରେ ସେ ପୁରୀ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ସେଠାରୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ଯାଇ ୭ଟା ୧୫ରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। ବଡ଼ଛତା ନିକଟରେ ନିର୍ମିତ ଅସ୍ଥାୟୀ ଗୃହରେ କିଛି କ୍ଷଣ ରହି ସେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ବାହାରିଥିଲେ। ସିଂହଦ୍ୱାରଠାରେ ବରିଷ୍ଠ ସେବାୟତ ତଥା ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମଧୁସୂଦନ ସିଂହାରୀ, ରାଜ୍ୟ ଉପସଭାପତି ତଥା ଦଇତାପତି ସେବାୟତ ଭବାନୀ ଦାସମହାପାତ୍ର, ସେବାୟତ ରବିନାରାୟଣ ଦାସ, ମୋଦିଙ୍କ କୌଳିକ ପଣ୍ଡା ରଘୁନାଥ ଗୋଛିକାର, ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ବିଧାୟକ ପ୍ରାର୍ଥୀ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ମୋଦି ଅରୁଣ ସ୍ତମ୍ଭ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପତିତପାବନଙ୍କୁ ଦର୍ଶନ କରି ବାଇଶି ପାହାଚ ଦେଇ ଶ୍ରୀମନ୍ଦିର ଯାଇଥିଲେ। ଗର୍ଭଗୃହରେ ରତ୍ନସିଂହାସନରୂଢ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ମୁକ୍ତି ମଣ୍ଡପ, ମହାଲକ୍ଷ୍ମୀ ମନ୍ଦିର, ମା' ବିମଳା ମନ୍ଦିର ସହ ଭିତରବେଢାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି ଆତ୍ମବିଭୋର ହୋଇଥିଲେ। ନୀଳଚକ୍ର ଦର୍ଶନ କରି ଶ୍ରୀମନ୍ଦିର ଭିତରେ ପ୍ରାୟ ଅଧଘଣ୍ଟା ରହି ପ୍ରସ୍ଥାନ କରିଥିଲେ। ତାଙ୍କୁ ଦେଖିବା ପାଇଁ ଅପେକ୍ଷାରତ ଜନସାଧାରଣଙ୍କୁ ହାତ ହଲାଇ ସେ ଅଭିନନ୍ଦନ ଜଣାଇଥିଲେ। ଏହି ସମୟରେ ଜଣେ କୁନିଝିଅ ପ୍ରସ୍ତୁତ କରି ରଖିଥିବା ମହାପ୍ରଭୁଙ୍କ ଏକ ଫଟୋଚିତ୍ର ଉପରେ ତାଙ୍କର ନଜର ପଡ଼ିଥିଲା। ମୋଦି ସେହି କୁନିଝିଅଙ୍କୁ ପାଖକୁ ଡାକି କଥା ହେବା ସହ ତାଙ୍କଠାରୁ ଫଟୋଚିତ୍ର ନେଇଥିଲେ। ପରେ ଆନନ୍ଦ ବଜାରଠାରେ ଥିବା ସେବାୟତଙ୍କୁ ମୋଦି ହାତ ହଲାଇ ଶୁଭେଚ୍ଛା ଜଣାଇଥିଲେ। ପରେ ମୋଦି ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଚାଲି ଚାଲି ବଡ଼ଦାଣ୍ଡର ମରିଚୀକୋଟ ଛକ ଯିବା ସହ ଲୋକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ସେ ମରିଚିକୋଟ ଛକରୁ ମେଡ଼ିକାଲ ଛକ ପର୍ଯ୍ୟନ୍ତ ରୋଡ଼ ଶୋ' କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଥିଲେ। ଏଥିରେ ମୋଦିଙ୍କ ସହ ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର, ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ସାମିଲ ଥିଲେ। ରୋଡ୍ ଶୋ' ସମୟରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ସକାଳ ୯ଟା ୫ରେ ରୋଡ୍ ଶୋ' ସରିବା ପରେ ମୋଦି ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ।



ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀମନ୍ଦିରକୁ ଯାଉଛନ୍ତି ।



ଡିଆ ପଞ୍ଚାୟତ କାଶୀପୁର ବଡ଼ପାଟଣାରେ ଅନୁଷ୍ଠିତ ରାମଲୀଳା ନାଟକର ଏକ ଦୃଶ୍ୟ।

## ମହିରାବଣ ବଧ ମଞ୍ଚସ୍ଥ

ନିରାକାରପୁର,୨୦।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

ଡିଆ ପଞ୍ଚାୟତ କାଶୀପୁର ବଡ଼ପାଟଣାରେ ସୀତାରାମ ନାଟ୍ୟସଂସଦ ଆନୁକୂଲ୍ୟରେ ଚାଲିଥିବା ରାମଲୀଳାରେ ରବିବାର ବିଳମ୍ବିତ ରାତିରେ ମହିରାବଣ ବଧ ମଞ୍ଚସ୍ଥ ହେବା ସହ ପାତାଳପୁରରେ ହନୁମାନଙ୍କ ପୁତ୍ର ମକରଧ୍ୱଜକୁ ସେଠାର ରାଜସିଂହାସନରେ ଅବସ୍ଥାପିତ କରାଯାଇଥିଲା। ଏହି ଅବସରରେ ବଡ଼ଭାଇ ରାବଣର ଆଦେଶକ୍ରମେ ମହିରାବଣ ଛଳନା କରି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ହତ୍ୟା ଉଦ୍ଦେଶ୍ୟରେ ପାତାଳପୁରକୁ ନେଇଯାଇଥିଲା। ସେମାନଙ୍କୁ ଠାବ କରିବା ଲାଗି ବୀର ହନୁମାନ ପାତାଳପୁରରେ ପ୍ରବେଶ କରିଥିଲେ। ସେଠାରେ ମହିରାବଣର ମୁଖ୍ୟ ଦ୍ୱାରପାଳ ଥିବା ମକରଧ୍ୱଜ ସହିତ ହନୁମାନଙ୍କ ଯୁଦ୍ଧ ହୋଇଥିଲା। ଯୁଦ୍ଧ ସମୟରେ ଉଭୟ ଉଭୟଙ୍କ ପରିଚୟ ଜାଣିପାରିଥିଲେ। ପରେ ମକରଧ୍ୱଜଠାରୁ ସମସ୍ତ ତଥ୍ୟ ହାସଲ କରି ବୀର ହନୁମାନ ମହିରାବଣଙ୍କୁ ବଧ କରିବା ସହ ପ୍ରଭୁ ଶ୍ରୀରାମ ଓ ଭ୍ରାତା ଲକ୍ଷ୍ମଣଙ୍କୁ ପାତାଳପୁରରୁ ଉଦ୍ଧାର କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ଏହି ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର କଳାକାରମାନେ ଅଭିନୟ କରିଥିଲେ। ରାକେଶ ପରିଡା, ମୁନା ରାଉତରାୟ, ନବକିଶୋର ବରାଳ, ଅକ୍ଷୟ ଲେଙ୍କା ପ୍ରମୁଖ ଅନୁଷ୍ଠାନର କଳାକାରମାନେ ଅଭିନୟ କରିଥିଲେ। ରାମଲୀଳା ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା।

# ଓଡ଼ିଶୀ ଏକକ ଅଭିନୟରେ ବିମୋହିତ ଦର୍ଶକ







ଭୁବନେଶ୍ୱର, ୨୦।୫ (ବନ୍ଦନା ସେଠୀ)

ଓଡ଼ିଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସୋମବାର ଉତ୍କଳ ରଙ୍ଗମଞ୍ଚଠାରେ 'ଉଦୟରାଗ' ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାର ପ୍ରଥମ ଏକକ ଓଡ଼ିଶୀ ନୃତ୍ୟ ନେଇ ମଞ୍ଚକୁ ଓହ୍ଲାଇଥିଲେ ଶିଳ୍ପୀ ଶ୍ରୀପୁଣ୍ୟ ମହାନ୍ତି। ତାଙ୍କର ପ୍ରଥମ ପ୍ରସ୍ତୁତି ଥିଲା 'ଜଗନ୍ନାଥ ସହସ୍ରନାମ'। ଏହାର ନୃତ୍ୟ ସଂରଚନା ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଅଗ୍ନିମିତ୍ର ବେହେରା ଓ ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ଶେଷ ପ୍ରସ୍ତୁତି 'ବଂଶୀସ୍ୱନ'ରେ କୃଷ୍ଣଙ୍କ ଯାଦୁକରୀ ବଂଶୀ ଧ୍ୱନିରେ କିପରି ପରମପ୍ରିୟା ରାଧା ମନ୍ତ୍ରମୁଗ୍ଧ ହୋଇଯାଆନ୍ତି, ତାହାକୁ ବେଶ୍ ଚମତ୍କାର ଭାବେ ସେ ପ୍ରଦର୍ଶନ କରିଥିଲେ। ଏହାର ନୃତ୍ୟ ସଂରଚନା ଅରୁଣା ମହାନ୍ତି କରିଥିବାବେଳେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ସଙ୍ଗୀତ ସଂଯୋଜନା ଓ ଗୁରୁ ବିଜୟ କୁମାର ବାରିକ ତାଳ ସଂଯୋଜନା କରିଥିଲେ। ତାଙ୍କପରେ ଶିଳ୍ପୀ ସମୀର କୁମାର ପାଣିଗ୍ରାହୀଙ୍କ ଦ୍ୱାରା ପରିବେଷିତ ଦ୍ୱିତୀୟ ଓ ଏକକ ନୃତ୍ୟ ପରିବେଷିତ ହୋଇଥିଲା।

ଜୟଦେବଙ୍କ ଗୀତଗୋବିନ୍ଦରୁ ଉଦ୍ଧୃତ ରାଧା-କୃଷ୍ଣଙ୍କ ପ୍ରକୃତ ପ୍ରେମ 'ପ୍ରିୟେ ଚାରୁଶୀଳେ'କୁ ଅତି ଚମତ୍କାର ଭାବେ ଶିଳ୍ପୀ ପ୍ରଦର୍ଶିତ କରିଥିଲେ। ପରବର୍ତ୍ତୀ ଉପସ୍ଥାପନାରେ ଥିଲା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ 'ବାସି ମୋ ହୋଇଲା ଫୁଲ ଶେଯ'ରୁ ଉଦ୍ଧୃତ ରାଗ କଲ୍ୟାଣ ଓ ତାଳ ଝମ୍ପାରେ ପ୍ରସ୍ତୁତ ରାସ ବିରହ। ଏହାକୁ ଶିଳ୍ପୀ ସସ୍ମିତା ପଣ୍ଡା ପ୍ରସ୍ତୁତ କରିଥିଲେ।

ଏହାପରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ କେଳୁଚରଣ ମହାପାତ୍ରଙ୍କ ଘରାନା ତଥା ସୃଜନ ଅନୁଷ୍ଠାନର ବରିଷ୍ଠ ନୃତ୍ୟ ଅଧ୍ୟାପିକା ରାଜଶ୍ରୀ ପ୍ରହରାଜଙ୍କ ଦ୍ୱାରା ପରିବେଷିତ ହୋଇଥିଲା ନୃତ୍ୟନାଟିକା 'ସୀତା ହରଣ'। ଯାହାକି ରାମାୟଣ ଉପନ୍ୟାସରୁ ଉଦ୍ଧୃତ ହୋଇଥିବାବେଳେ ରାଗ ରାଗମାଳିକା ଏବଂ ତାଳ ତାଳମାଳିକ ଉପରେ ନିବଦ୍ଧ ଥିଲା। ସେହିପରି ଓଡ଼ିଶା ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀ ବିଜନ କୁମାର ପଲାଇ ବାଲ୍ମିକି ରାମାୟଣରୁ ଉଦ୍ଧୃତ ସୁନ୍ଦରାକାଣ୍ଡ ଉପସ୍ଥାପିତ କରିଥିଲେ। ଶେଷ ଉପସ୍ଥାପନାରେ ରାହୁଲ ଆଚାର୍ଯ୍ୟଙ୍କ ଦ୍ୱାରା ଭଗବାନ ଶିବଙ୍କ ପ୍ରାର୍ଥନା ପାଇଁ ଆଠଟି ପଦର ସମିଶ୍ରଣ 'ଶିବାଷ୍ଟକ' ପରିବେଷଣ ହୋଇଥିଲା। ଏହା ରାଗ ଭୈରବୀ ଓ ତାଳ ଏକତାଳି ଉପରେ ନିବଦ୍ଧ ଥିଲା। ଅତିଥି ଭାବେ ଓଡିଶୀ ନୃତ୍ୟାଙ୍ଗନା ତଥା ଗୁରୁ ମାଧବୀ ମୁଦ୍‌ଗଲ, ସିକତା ଦାସ, ରତିକାନ୍ତ ମହାପାତ୍ର, ବିଚିତ୍ରାନନ୍ଦ ସ୍ୱାଇଁ, ଅରୁଣା ମହାନ୍ତି ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାରେ ନାବାଳିକାଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୫ (ସୂର୍ଯ୍ୟକାନ୍ତ ବେହେରା)

ରାସ୍ତାରେ ଜଣେ ନାବାଳିକାଙ୍କ ଚୁଟିକୁ ଧରି ଟଣାଓଟରା କରି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କ ବାପାଙ୍କୁ ଏକ କାଚ ବୋତଲରେ ଆକ୍ରମଣ କରି ଲହୁଲୁହାଣ କଲେ। ଏହି ଘଟଣାରେ ଖାରବେଳନଗର ଥାନା ପୋଲିସ ୟୁନିଟ-୩ ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ଏ. ବାବୁ ରେଡ୍ଡୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ବାବୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ୧୭ ତାରିଖ ସନ୍ଧ୍ୟାରେ ଅଭିଯୋଗକାରିଣୀ ନାବାଳିକା ଜଣକ ଟ୍ୟୁଶନରୁ ଘରକୁ ଫେରିବା ରାସ୍ତାରେ ଅଭିଯୁକ୍ତ ଏ. ବାବୁ ତାଙ୍କୁ ଏକୁଟିଆ ଦେଖି ତାଙ୍କ ସହିତ ଅଶାଳୀନ ବ୍ୟବହାର କରିବା ସହ ତାଙ୍କ ଚୁଟି ଧରି ଟଣାଓଟରା କରିଥିଲେ। ଘଟଣା ସମ୍ପର୍କରେ ଝିଅ ନିକଟରୁ ସବୁ ଶୁଣି ସାରିବା ପରେ ତାଙ୍କ ବାପା ଅଭିଯୁକ୍ତଙ୍କୁ ଏନେଇ ପଚାରିଥିଲେ। ହେଲେ ଅଭିଯୁକ୍ତ ଏ. ବାବୁ ଏଥିରେ ଉତକ୍ଷିପ୍ତ ହୋଇ ଏକ କାଚ ବୋତଲରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତ ସ୍ରାବ ହେବା ସହିତ ସେ ଅଚେତ ହୋଇ ତଳେ ପଡିଯାଇଥିଲେ। ଏହାପରେ ବି ଅଭିଯୁକ୍ତ ଜଣକ ପୁନର୍ବାର ତାଙ୍କୁ ମାଡ ମଧ୍ୟ ମାରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ ୨୩୭/୨୪) ରୁଜୁ ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ୩ ରଥର ତୁମ୍ବଗୁଡ଼ିକରେ ପନ୍ଦାରି ଗାଡ଼ ଖୋଦେଇ ଆରମ୍ଭ



ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ସୋମବାର ଦଶମ ଦିନରେ ପହଞ୍ଚିଛି। ସୋମବାର ସନ୍ଧ୍ୟା ସୁଦ୍ଧା ୩ ରଥର ୪୨ଟି ତୁମ୍ବରେ ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ତିନିରଥ ମହାରଣା ସେବକମାନେ ଶେଷ କଲା ପରେ ସେହି ତୁମ୍ବଗୁଡ଼ିକରେ ଅରକଣ୍ଟା ବାଡିଆ ପାଇଁ ଅଗର ବିନ୍ଧ କାର୍ଯ୍ୟ ମଧ୍ୟ ଶେଷ କରିଛନ୍ତି। ଉକ୍ତ ତୁମ୍ବଗୁଡ଼ିକୁ ଭୋଇ ସେବକଙ୍କ ସହାୟତାରେ ସଳଖ କରାଯାଇଥିଲା। ପରେ ୩ ରଥର ମହାରଣା ସେବକମାନେ ତୁମ୍ବଗୁଡ଼ିକରେ ଅଖ ସଂଯୋଗ ପାଇଁ ପନ୍ଦାରି ଗାଡ଼ ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ତାଳଧ୍ୱଜ ରଥର ୧୪ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ, ଦର୍ପଦଳନ ରଥର ୧୨ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ ଓ ନନ୍ଦିଘୋଷ ରଥର ୧୬ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ମହାରଣା ସେବକମାନେ ଶେଷ କରି ଉକ୍ତ ତୁମ୍ବଗୁଡ଼ିକରେ ଅରକଣ୍ଟା ବାଡ଼ିଆ ପାଇଁ ଅଗର ବିନ୍ଧ କାର୍ଯ୍ୟ ଶେଷ କରିଥିଲେ। ପରେ ତୁମ୍ବରେ ଅଖ ସଂଯୋଗ ପାଇଁ ପନ୍ଦାରି ଗାଡ଼ ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅପରପକ୍ଷରେ ଦୋଳବେଦୀ ଅସ୍ଥାୟୀ କମାରଶାଳରେ ୩ ରଥର ଓଝା ସେବକମାନେ ତିନି ରଥର ଚକା ଡେରା ନୀତି ପାଇଁ ଆବଶ୍ୟକ ପ୍ରକାରେ ଗୋଟିଏ ଗୋଟିଏ ନାହାକା ତୁମ୍ବ ପାଇଁ ୪ଟି ଲେଖାଏଁ ୧୨ଟି ବଡ଼ ସାଇଜ ପନ୍ଦାରି ବଳା ନିର୍ମାଣ କରିଛନ୍ତି। ୩ ରଥର ଦୁଇ ଦୁଇଟି ଚକ ନିର୍ମାଣ ପାଇଁ ଆବଶ୍ୟକ ୩୨ ଯୋଡ଼ା ଲେଖାଏଁ ଅରକଣ୍ଟା ନିର୍ମାଣ ଶେଷ କରି ବାକି ତୁମ୍ବଗୁଡ଼ିକ ପାଇଁ ଅରକଣ୍ଟା ଏବଂ ପନ୍ଦାରି ବଳା ନିର୍ମାଣ ଜାରି ରଖିଛନ୍ତି।

## ରୋଡ୍ ଶୋ' କରି ଭୋଟ୍ ମାଗିଲେ ପାଣ୍ଡିଆନ୍

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି):

ଆସନ୍ତା ୨୫ ତାରିଖରେ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ବିଧାନସଭା ଆସନରେ ମତଦାନ ହେବାକୁ ଯାଉଛି। ସମସ୍ତ ଆସନରେ ବିଜୁ ଜନତା ଦଳ (ବିଜେଡି)ର ପ୍ରାର୍ଥୀ ଯେପରି ବିଜୟଲାଭ କରିବେ ସେ ନେଇ ଦଳ ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ପୁରୀ ଆସି ରୋଡ୍ ଶୋ'କରିବା ସହ ସତ୍ୟବାଦୀ ଅଞ୍ଚଳକୁ ଯାଇ ପ୍ରଚାର କରିଛନ୍ତି। ସନ୍ଧ୍ୟା ପ୍ରାୟ ୭ଟାରେ ପାଣ୍ଡିଆନ ପୁରୀରେ ପହଞ୍ଚିବା ପରେ ପ୍ରଥମେ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ପରେ ମରିଚିକୋଟ ଛକଠାରୁ ରୋଡ୍ ଶୋ' ଆରମ୍ଭ ହୋଇ ମାର୍କେଟ ଛକ, ବଳଗଣ୍ଡି ଛକ, ମେଡିକାଲ ଛକ ଦେଇ ଅଠରନଳାଠାରେ ଶେଷ ହୋଇଥିଲା। ଏହି ସମୟରେ ବିଭିନ୍ନ ଲୋକନୃତ୍ୟ, ଲୋକବାଦ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ବିଜେଡି ପତାକାରେ ବଡ଼ଦାଣ୍ଡ ସବୁଜମୟ ହୋଇଉଠିଥିଲା।

ରୋଡ୍ ଶୋ'ରେ କାର୍ତ୍ତିକ ପାଣ୍ଡିଆନ ଆଗରେ ଚାଲିଥିବାବେଳେ ତାଙ୍କ ପଛକୁ ବିଧାୟକ ପ୍ରାର୍ଥୀ ସୁନିଲ ମହାନ୍ତି, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଓ ଜିଲା ବିଜେଡି ସଭାପତି ଦିବାକର ପାତ୍ର ରହିଥିଲେ। ସେହିପରି ଅନ୍ୟ ଏକ ଗାଡ଼ିରେ ପୁରୀ ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ରହିଥିଲେ। ଜୟ ନବୀନ, ଶଙ୍ଖ ଚିହ୍ନ ଜିନ୍ଦାବାଦ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ବିଜେଡି ପ୍ରାର୍ଥୀଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ଜିତାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ପାଣ୍ଡିଆନ ଆହ୍ୱାନ ଦେଇଥିଲେ। ରାଜ୍ୟବାସୀଙ୍କ ଭଲ ପାଇବା ଓ ଆଶୀର୍ବାଦରୁ ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଆସନ୍ତା ୯ ତାରିଖରେ ନବୀନ ପଟ୍ଟନାୟକ ଦିନ ୧୧ଟାରୁ ୧ଟା ମଧ୍ୟରେ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ସେ ଶପଥ ନେବା ପରେ ପ୍ରଥମେ ବିଦ୍ୟୁତ୍ ବିଲ୍ ଛାଡ଼ କରାଯିବ। ସେହିପରି ମିଶନ ଶକ୍ତି ମହିଳାମାନଙ୍କୁ ୬୦ବର୍ଷ ପରେ ପେନସନ ଦିଆଯିବ। ସମସ୍ତ ସରକାରୀ ଓ ବେସରକାରୀ ବ୍ୟକ୍ତିବିଶେଷଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ଦିଆଯିବ ଏବଂ ପୁରୀବାସୀଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ପାଣ୍ଡିଆନ୍ ପ୍ରତିଶ୍ରୁତି ଦେଇଥିଲେ। ରୋଡ୍ ଶୋ' ଦେଖିବା ନିମନ୍ତେ ପ୍ରବଳ ଭିଡ଼ ହୋଇଥିଲା।

# 'ବିଜେଡିର ମାଗଣା ବିଦ୍ୟୁତ୍ ପ୍ରସଙ୍ଗ ବିରୋଧୀଙ୍କ ନିଦ ହଜାଇଛି'

ସାକ୍ଷୀଗୋପାଳ,୨୦।୫ (ପ୍ରଶାନ୍ତ କୁମାର ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)



ସଭାରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପଣ୍ଡିଆନ୍ ଉଦ୍‌ବୋଧନ ଦେଉଛନ୍ତି।

- ସାକ୍ଷୀଗୋପାଳ ମନ୍ଦିର ରୂପାନ୍ତରିତ ହେବ
- ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠଙ୍କ ଜନ୍ମସ୍ଥାନ ବିକଶିତ କରାଯିବ

ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପଣ୍ଡିଆନ ସୋମବାର ରାତି ସମୟରେ ପୁରୀ ଜିଲା ସତ୍ୟବାଦୀରେ ପୁରୀ ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ସତ୍ୟବାଦୀ ବିଧାନସଭା ପ୍ରାର୍ଥୀ ସଞ୍ଜୟ ଦାସବର୍ମାଙ୍କ ପାଇଁ ନିର୍ବାଚନୀ ପ୍ରଚାର କରିଛନ୍ତି। ଏଥିସହ ଏକ ସାଧାରଣ ସଭାରେ ୨ ପ୍ରାର୍ଥୀଙ୍କୁ ନିର୍ବାଚନ ଜିତାଇବାକୁ ଲୋକଙ୍କୁ ନିବେଦନ କରିଥିଲେ। ଏକ ଶୋଭାଯାତ୍ରାରେ ବହୁ ସଂଖ୍ୟକ ମହିଳା ପୁରୁଷଙ୍କ ମଧ୍ୟରେ ପଣ୍ଡିଆନ, ଅରୂପ ଏବଂ ସଞ୍ଜୟ ସାକ୍ଷୀଗୋପାଳ ବଜାର ମଧ୍ୟ ଦେଇ ସ୍ଥାନୀୟ ପଞ୍ଚସଖା ଖେଳପଡ଼ିଆରେ ପହଞ୍ଚିଥିଲେ। ସଭାରେ ପାଣ୍ଡିଆନ କହିଥିଲେ, ଜୁଲାଇରୁ ବିଦ୍ୟୁତ୍ ବିଲ୍ ଆସିବ ନାହିଁ। ବିଜେଡି ସରକାର ମାଗଣାରେ ବିଜୁଳି ଦେବ। ଏଥିରେ ଆପଣମାନେ ଖୁସି ତ...। ତାଙ୍କର ଏହି କଥାରେ ବହୁ ଲୋକ 'ହଁ ଆମେ ଖୁସି' ବୋଲି କହିଥିଲେ। ସେ ପୁଣି କହିଥିଲେ, ବିରୋଧୀ ଦଳ ନେତାମାନେ ମିଛ କଥା କହୁଛନ୍ତି। ସେମାନେ ଅପପ୍ରଚାରରେ ମାତିଛନ୍ତି। ଭୋଟ ସମୟ ହୋଇଥିବାରୁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଜୁଲାଇରୁ ବିଜେଡି ମାଗଣା ବିଜୁଳି ଦେବ ଜାଣି ବିରୋଧୀଙ୍କ ନିଦ ହଜିଗଲାଣି ବୋଲି ସେ କହିଥିଲେ। ଆପଣମାନେ ସେମାନଙ୍କ ପ୍ରତି ସତର୍କ ରହନ୍ତୁ। ବିକାଶ ପାଇଁ ବିଜେଡି ପ୍ରାର୍ଥୀଙ୍କୁ ବାଛିବାକୁ ନିବେଦନ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ପଚାରିଥିଲେ। ବିଏସ୍‌କେୱାଇ ଭଲ କି, ମିଶନ ଶକ୍ତି, ୫-ଟି ସ୍କୁଲ ରୂପାନ୍ତରଣ, ନୂଆ-ଓ ଛାତ୍ରବୃତ୍ତି, କାଳିଆ, ମମତା ଯୋଜନା ଭଲ ହୋଇଛି, ମା' ସମଲେଇଙ୍କ ପ୍ରକଳ୍ପ କାମ ଭଲ ହୋଇଛି ତ, ପୁରୀ ପରିକ୍ରମା ପ୍ରକଳ୍ପ ଭଲ ହୋଇଛି ତ ଆଦିସେ ପଚାରିଥିଲେ। ବିରୋଧୀଙ୍କୁ ଏ ପ୍ରକଳ୍ପଗୁଡ଼ିକ ମିଛ ଲାଗୁଛି। ହେଲେ ବିରୋଧୀ ହେଉଛନ୍ତି ଟୁରିଷ୍ଟ, ସେ ଆସିବେ ଯିବେ। ବହୁତ କଥା କହିବେ। କାମ କମ୍ କରିବେ କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ସବୁବେଳେ ଆପଣଙ୍କ ସହିତ ରହିଛନ୍ତି ଆଉ ରହିବେ ବୋଲି କହିଥିଲେ। ଅରୂପ ଓ ସଞ୍ଜୟଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। ୨ ପ୍ରାର୍ଥୀଙ୍କ ସହ ନବୀନ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ହେଲେ ପ୍ରଥମେ ସାକ୍ଷୀଗୋପାଳ ମନ୍ଦିର ରୂପାନ୍ତରିତ ହେବ। ଯାହା ଦ୍ୱାରା ଏଠାକୁ ଦୈନିକ ହଜାର ହଜାର ଯାତ୍ରୀ ଆସିବେ। ଆଚାର୍ଯ୍ୟ ହରିହର ଦାସ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଗ୍ରାମ ଶାସନ ଶ୍ରୀରାମଚନ୍ଦ୍ରପୁର ଗ୍ରାମକୁ ବିକଶିତ କରାଯିବ। ପାନୀୟ ଜଳର ଅଭାବ ବହୁତ ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଥିଲେ। ମଞ୍ଚରେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ, ରବି ମଲ୍ଲିକ, ସତ୍ୟବାଦୀ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପକାଇ ସ୍ୱାଗତ କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୫।୨୦୨୪

| | |
|---|---|
| ୫,୩୮,୨୦୩ ଟଙ୍କା | |
| ସୁନା | ୪.୫୦୦ ଗ୍ରାମ୍ |
| ରୁପା | ୧୭୯ ଗ୍ରାମ୍ |

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କୁ ଆଶ୍ରିତ ଦେଲେ ପିପିଲି ଚାନ୍ଦୁଆ

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)

ରୋଡ୍ ଶୋ' ସମୟରେ ପୁରୀ ଜିଲା ଭାଜପା ସଭାପତି ଅଶ୍ରିତ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ପିପିଲି ଚାନ୍ଦୁଆ ଉପହାର ସ୍ୱରୂପ ପ୍ରଦାନ କରିଥିବା ଜଣାପଡିଛି। ପିପିଲି ଚାନ୍ଦୁଆ କାର୍ଯ୍ୟ ପାଇଁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପିପିଲି ଚାନ୍ଦୁଆ ପାଇ ପ୍ରଧାନମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି।

### ଉପାସନା, ମନମୋହନଙ୍କୁ ଅଟକାଇଲା ପୋଲିସ

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)

ରୋଡ୍ ଶୋ' ପୂର୍ବରୁ ପ୍ରଧାନମନ୍ତ୍ରୀ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଶ୍ରୀମନ୍ଦିରକୁ ଯାଇଥିଲେ। ଏହି ସମୟରେ ବ୍ରହ୍ମଗିରି ବିଧାନସଭା ଆସନର ଭାଜପା ପ୍ରାର୍ଥୀ ଉପାସନା ମହାପାତ୍ର ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଆସି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତେବେ ପୋଲିସ ବ୍ୟାରିକେଡ ସେପଟକୁ ଅର୍ଥାତ ଶ୍ରୀମନ୍ଦିର ଆଡ଼କୁ ଦୁଇଜଣଙ୍କୁ ଛାଡ଼ି ନ ଥିଲା। ଦୁହେଁ ପୋଲିସ ଅଧିକାରୀଙ୍କ ସହ କଥା ହେବା ପରେ ସେଠାରୁ ଫେରିଯାଇଥିଲେ।

### ମୋଦିଙ୍କୁ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଆଗ୍ରହ

ପୁରୀ ୨୦।୫(ଅଜିତ୍ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଗସ୍ତରେ ଆସିଥିବା ବେଳେ ତାଙ୍କୁ ଦେଖିବା ପାଇଁ ଜନସାଧାରଣଙ୍କ ପ୍ରବଳ ଗହଳିପରିଲକ୍ଷିତ ହୋଇଥିଲା।ଶ୍ରୀମନ୍ଦିର ପରିସରରେ ଆନନ୍ଦବଜାରଠାରେ ଅନେକ ସେବାୟତ ଠିଆ ହୋଇ ମୋଦିଙ୍କୁ ଦେଖିଥିବା ବେଳେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱର ଥିବା ଘର ଛାତ ଉପରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ହେଲିପ୍ୟାଡଠାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଲୋକଙ୍କ ଗହଳି ଜମିଥିଲା। ସେହିପରି ରୋଡ୍ ଶୋ' ଆଗରେ ମହିଳାଙ୍କ ଏକ ଦଳ ଆଗେ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା। ମହିଳାଙ୍କ ନିମନ୍ତେ ମୋଦି ଅନେକ ଘୋଷଣା କରିଥିବା ବେଳେ ଏପରି ଦୃଶ୍ୟ ସମସ୍ତଙ୍କୁ ଆନନ୍ଦିତ କରିଛି।

# ମହାପ୍ରଭୁଙ୍କ ଦର୍ଶନ ସହ ରୋଡ୍ ଶୋ' କଲେ ମୋଦି

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଭାଜପା ପ୍ରାର୍ଥୀଙ୍କ ପାଇଁ ବଡ଼ଦାଣ୍ଡରେ ରୋଡ୍ ଶୋ' ମାଧ୍ୟମରେ ପ୍ରଚାର କରିଛନ୍ତି। ଏହି ରୋଡ୍ ଶୋ' ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଏହି ସମୟରେ 'ମୋଦି-ମୋଦି' ଓ 'ଜୟ ଶ୍ରୀରାମ' ନାରାରେ କମ୍ପିଉଠିଥିଲା ବଡ଼ଦାଣ୍ଡ ଅଞ୍ଚଳ।

ନିର୍ଦ୍ଧାରିତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ଭୁବନେଶ୍ୱରସ୍ଥିତ ରାଜଭବନରୁ ପୁରୀ ଅଭିମୁଖେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବାହାରିଥିଲେ। ସକାଳ ପ୍ରାୟ ୭ଟାରେ ସେ ପୁରୀ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ସେଠାରୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ଯାଇ ୭ଟା ୧୫ରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। ବଡ଼ଛତା ନିକଟରେ ନିର୍ମିତ ଅସ୍ଥାୟୀ ଗୃହରେ କିଛି କ୍ଷଣ ରହି ସେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ବାହାରିଥିଲେ। ସିଂହଦ୍ୱାରଠାରେ ବରିଷ୍ଠ ସେବାୟତ ତଥା ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମଧୁସୂଦନ ସିଂହାରୀ, ରାଜ୍ୟ ଉପସଭାପତି ତଥା ଦଇତାପତି ସେବାୟତ ଭବାନୀ ଦାସମହାପାତ୍ର,



ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀମନ୍ଦିରକୁ ଯାଉଛନ୍ତି ।

ସେବାୟତ ରବିନାରାୟଣ ଦାସ, ମୋଦିଙ୍କ କୌଳିକ ପଣ୍ଡା ରଘୁନାଥ ଗୋଛିକାର, ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ବିଧାୟକ ପ୍ରାର୍ଥୀ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ମୋଦି ଅରୁଣ ସ୍ତମ୍ଭ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପତିତପାବନଙ୍କୁ ଦର୍ଶନ କରି ବାଇଶି ପାହାଚ ଦେଇ ଶ୍ରୀମନ୍ଦିର ଯାଇଥିଲେ। ଗର୍ଭଗୃହରେ ରତ୍ନସିଂହାସନରୂଢ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ମୁକ୍ତି ମଣ୍ଡପ, ମହାଲକ୍ଷ୍ମୀ ମନ୍ଦିର, ମା' ବିମଳା ମନ୍ଦିର ସହ ଭିତରବେଢାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି ଆତ୍ମବିଭୋର ହୋଇଥିଲେ। ନୀଳଚକ୍ର ଦର୍ଶନ କରି ଶ୍ରୀମନ୍ଦିର ଭିତରେ ପ୍ରାୟ ଅଧଘଣ୍ଟା ରହି ପ୍ରସ୍ଥାନ କରିଥିଲେ। ତାଙ୍କୁ ଦେଖିବା ପାଇଁ ଅପେକ୍ଷାରତ ଜନସାଧାରଣଙ୍କୁ ହାତ ହଲାଇ ସେ ଅଭିନନ୍ଦନ ଜଣାଇଥିଲେ। ଏହି ସମୟରେ ଜଣେ କୁନିଝିଅ ପ୍ରସ୍ତୁତ କରି ରଖିଥିବା ମହାପ୍ରଭୁଙ୍କ ଏକ ଫଟୋଚିତ୍ର ଉପରେ ତାଙ୍କର ନଜର ପଡ଼ିଥିଲା। ମୋଦି ସେହି କୁନିଝିଅଙ୍କୁ ପାଖକୁ ଡାକି କଥା ହେବା ସହ ତାଙ୍କଠାରୁ ଫଟୋଚିତ୍ର ନେଇଥିଲେ। ପରେ ଆନନ୍ଦ ବଜାରଠାରେ ଥିବା ସେବାୟତଙ୍କୁ ମୋଦି ହାତ ହଲାଇ ଶୁଭେଚ୍ଛା ଜଣାଇଥିଲେ। ପରେ ମୋଦି ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଚାଲି ଚାଲି ବଡ଼ଦାଣ୍ଡର ମରିଚୀକୋଟ ଛକ ଯିବା ସହ ଲୋକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ସେ ମରିଚିକୋଟ ଛକରୁ ମେଡ଼ିକାଲ ଛକ ପର୍ଯ୍ୟନ୍ତ ରୋଡ଼ ଶୋ' କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଥିଲେ। ଏଥିରେ ମୋଦିଙ୍କ ସହ ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର, ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ସାମିଲ ଥିଲେ। ରୋଡ୍ ଶୋ' ସମୟରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ସକାଳ ୯ଟା ୫ରେ ରୋଡ୍ ଶୋ' ସରିବା ପରେ ମୋଦି ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ।



ସରନ୍ତି ସୋମବାର ଅବସରରେ ପୁରୀ ଶ୍ରୀ ଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ । (ଫଟୋ- ଯଶ୍ୱେର ମହାନ୍ତି )

## ରିଙ୍ଗ୍ ସେରିମନି ପୂର୍ବଦିନ ଆଖି ବୁଜିଲେ ଯୁବକ

ଗୋପ,୨୦।୫
(ଭାରତୀ ଭୂଷଣ ଉପାଧ୍ୟାୟ)

ଘରସଂସାର କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ରବିବାର ବରପକ୍ଷ ଓ କନ୍ୟାପକ୍ଷର ନିଷ୍ପତ୍ତି ଅନୁସାରେ ରିଙ୍ଗ୍ ସେରିମନି ହୋଇଥାନ୍ତା। ହେଲେ ଶନିବାର ସନ୍ଧ୍ୟା ପ୍ରାୟ ୮ଟା ସମୟରେ ବରଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ପାଢ଼ୀ ସାହି ଗ୍ରାମର ତପନ କୁମାର ପାଢ଼ୀଙ୍କ ଏକମାତ୍ର ପୁଅ ସବ୍ୟସାଚୀ ପାଢ଼ୀ (୨୯)। ପ୍ରକାଶ ଯେ, ସବ୍ୟସାଚୀଙ୍କ ବିବାହ ନିମାପଡ଼ାରେ ସ୍ଥିର ହୋଇଥିଲା। ବର ଏବଂ କନ୍ୟା ପକ୍ଷଙ୍କ ନିଷ୍ପତ୍ତି ଅନୁସାରେ, ରବିବାର ରିଙ୍ଗ୍ ସେରିମନି ହେବାକୁ ଥିବାବେଳେ, ଆସନ୍ତା ୨୯ ତାରିଖରେ ନିର୍ବନ୍ଧ କାର୍ଯ୍ୟ ହୋଇ ପରେ ବିବାହ କାର୍ଯ୍ୟ ସମାପନ ହୋଇଥାନ୍ତା। ହେଲେ ଶନିବାର ସନ୍ଧ୍ୟାରେ ସବ୍ୟସାଚୀ ଉପର ଘରୁ ତଳକୁ ଓହ୍ଲାଇବା ପରେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ସଦସ୍ୟ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଡାକ୍ତର ପ୍ରାଥମିକ ଚିକିତ୍ସା କରି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ସେଠାରେ ଡାକ୍ତର ସବ୍ୟସାଚୀଙ୍କୁ ମୃତ ଘୋଷଣା କରିଥିଲେ। ସବ୍ୟସାଚୀଙ୍କ ପୂର୍ବରୁ ହୃଦ୍‌ଘାତଜନିତ ସମସ୍ୟା ଥିବା ଜଣାପଡ଼ିଥିବାବେଳେ ତାଙ୍କର ଏହି ମୃତ୍ୟୁରେ ଗୋପ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରବିବାର ଭୋର ସମୟରେ ସବ୍ୟସାଚୀଙ୍କ ଶେଷକୃତ୍ୟ ସ୍ୱର୍ଗଦ୍ୱାରରେ ସମ୍ପନ୍ନ କରାଯାଇଛି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଏପାଖସେପାଖ

### ୪ ଦ୍ୱାର, ରତ୍ନଭଣ୍ଡାର ଖୋଲାଯିବାକୁ ପ୍ରତିଶ୍ରୁତି ଦେଲେ

ପୁରୀ, ୨୦।୫(ଅଜିତ୍ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୌଳିକ ପଣ୍ଡା ରଘୁନାଥ ଗୋଛିକାର ସିଂହଦ୍ୱାରଠାରେ ତାଙ୍କୁ ସ୍ୱାଗତ କରି ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ପତିତପାବନଙ୍କୁ ଦର୍ଶନ କରି ବାଇଶି ପାହାଚ ଦେଇ ଗର୍ଭଗୃହକୁ ଯାଇ ସେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମୁକ୍ତିମଣ୍ଡପ ଠାରେ ବ୍ରାହ୍ମଣଙ୍କୁ ପ୍ରଣାମ କରିଥିଲେ। ମା' ବିମଳା ମନ୍ଦିର ଓ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯାଇ ପୂଜା କରିବା ପରେ କିଛି ସମୟ ବେହରଣଠାରେ ବସି ସେବାୟତଙ୍କ ସହ ଆଲୋଚନା କରିଥିଲେ। ରତ୍ନଭଣ୍ଡାର ଖୋଲି ରତ୍ନ ଅଳଙ୍କାରର ଗଣତିମଣତି କରିବା ସହ ଚାରିଦ୍ୱାର ଖୋଲିବା ଆଦି ବିଷୟରେ ସେବାୟତଙ୍କଠାରୁ ପଚାରି ବୁଝିବା ସହ ସରକାର ଆସିଲେ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା କୌଳିକ ପଣ୍ଡା ଗୋଛିକାର କହିଛନ୍ତି। ଗୋଛିକାର ତାଙ୍କୁ ଏକ ଫଟୋଚିତ୍ର, ବାନା, ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ଉତ୍ତରୀୟ, ମହାପ୍ରସାଦ ଆଦି ପ୍ରଦାନ କରିଥିଲେ।

### କୁନିଝିଅଠାରୁ ଫଟୋଚିତ୍ର ଗ୍ରହଣ କଲେ





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ମହାପ୍ରଭୁଙ୍କ ଦର୍ଶନ କରି ଫେରିବା ପରେ ଲୋକଙ୍କ ଅଭିବାଦନ ନେବା ସମୟରେ ଶ୍ରୀମନ୍ଦିର ସମ୍ମୁଖରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁରୀ ବାସିନ୍ଦା ରଶ୍ମିରେଖା ଦାସଙ୍କ କୁନିଝିଅ ଏକ ଜଗନ୍ନାଥଙ୍କ ଫଟୋଚିତ୍ର ଧରି ଠିଆହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ତାଙ୍କୁ ପାଖକୁ ଡାକି ଭଲମନ୍ଦ ବୁଝିବା ସହ ଫଟୋଚିତ୍ରଟିକୁ ଗ୍ରହଣ କରିଥିଲେ। ଫଟୋଚିତ୍ର ଦେଖି ମୋଦି ଖୁସି ହୋଇଯାଇଥିଲେ। କୁନିଝିଅକୁ ଭଲ ମଣିଷ ହୋଇ ଦେଶର ନାଁ ରଖିବାକୁ କହିଥିଲେ ଏବଂ ମୁଣ୍ଡରେ ହାତ ରଖି ଆଶୀର୍ବାଦ ଦେଇଥିଲେ। ସେହିପରି ଶିଳ୍ପୀ ତଥା ଚାରୁ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର ଶ୍ରୀମନ୍ଦିର ଓ ମୋଦିଙ୍କ ଫଟୋଚିତ୍ର ପ୍ରସ୍ତୁତ କରି ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ।

### ମାଗଣାରେ ୩ ହଜାର କପ୍ ଚା ବାଣ୍ଟିଲେ ଜୟସିଂହ




ମୋଦିଙ୍କ ବଡ଼ ପ୍ରଶଂସକ ଭାବେ ପୁରୀ ସହରରେ ପରିଚିତ ଚା' ଦୋକାନୀ ଅକ୍ଷୟ ଜୟସିଂହ ଲୋକଙ୍କୁ ମାଗଣାରେ ୩ ହଜାର କପ୍ ଚା' ବଣ୍ଟନ କରିଛନ୍ତି। ଅକ୍ଷୟ ତାଙ୍କ ଚା' ଦୋକାନ ଆଗରେ ପ୍ରଧାନମନ୍ତ୍ରୀଙ୍କ ବଡ଼ ତୋରଣ ଲଗାଇ ସ୍ୱାଗତ କରିଥିଲେ। ଏନେଇ ଅକ୍ଷୟ କହିଛନ୍ତି, ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବଡ ଅନୁଗାମୀ। ତାଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରନ୍ତି। ମୋଦିଙ୍କ ଯୋଗୁ ଭାରତର ସମ୍ମାନ, ଗୌରବ ବଢ଼ିଛି। ଆମେ ତାଙ୍କୁ ସମର୍ଥନ ଦେବା ଉଚିତ୍। ତେବେ ଅକ୍ଷୟ ପ୍ରତ୍ୟେକ ବର୍ଷ ମୋଦିଙ୍କ ଜନ୍ମଦିନରେ ଲୋକଙ୍କୁ ମାଗଣାରେ ଚା, ମିଠା ବଣ୍ଟନ କରିଥାନ୍ତି।

### ପାରମ୍ପରିକ ନୃତ୍ୟରେ ଝଲସିଲା ବଡ଼ଦାଣ୍ଡ



ବଡ଼ଦାଣ୍ଡରେ ମୋଦିଙ୍କ ରୋଡ୍‌ଶୋ ସମୟରେ ଗୋଟିପୁଅ, ଓଡ଼ିଶୀ, ନାଗା, ମେଢ ନୃତ୍ୟ, ପାଇକ ନୃତ୍ୟ, ରଘୁରାଜପୁରର ପଟ୍ଟଚିତ୍ର ଆଦି ପ୍ରଦର୍ଶନ କରାଯାଇଥିଲା। ସେହିପରି ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ପ୍ରସ୍ତୁତ ରେ ମଞ୍ଚରେ ପାରମ୍ପାରିକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

## ୩୦୯୫୭ ନୂଆ ଯୁବ, ଶହେ ବର୍ଷରୁ ଉର୍ଦ୍ଧ୍ୱ ୫୭୭ ଭୋଟର

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି):

ମତଦାନ ଆମ ସାମ୍ବିଧାନିକ ଅଧିକାର। ସେଥିପାଇଁ କୁହାଯାଏ ମତଦାନ ଗଣତନ୍ତ୍ରର ମହାପର୍ବ। ଏହି ମହାପର୍ବରେ ପ୍ରଥମ ଥର ସାମିଲ ହୋଇଥିବା ଯୁବ ଭୋଟରମାନେ ମତଦାନ କରିବାକୁ ବେଶ୍ ଉତ୍ସାହିତ ଅଛନ୍ତି। ପୁରୀ ଜିଲାରେ ୧୮ରୁ ୧୯ ବର୍ଷ ବୟସର ୩୦୯୫୭ ଭୋଟର ରହିଛନ୍ତି, ଯେଉଁମାନେ କି ପ୍ରଥମ ଥର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ପୁରୁଷ ୧୬୯୮୨ ଓ ମହିଳା ୧୩୯୭୧। ଅନ୍ୟ ଭୋଟରଙ୍କ ସଂଖ୍ୟା ୪। ସେହିପରି ୨୦ରୁ ୨୯ ବର୍ଷ ବୟସର ୨୬୧୩୫୮ ଭୋଟର ଥିବା ବେଳେ ୩୦ରୁ ୩୯ ବର୍ଷ

**ପୁରୀ ଜିଲା**

ବୟସର ୨୯୧୬୭୯ ଭୋଟର ଅଛନ୍ତି। ୪୦ରୁ ୪୯ ବର୍ଷ ବୟସର ୩୧୬୮୬୭ ଭୋଟର, ୫୦ରୁ ୫୯ ବର୍ଷ ବୟସର ୨୨୮୮୫୩ ଭୋଟର, ୬୦ରୁ ୬୯ ବର୍ଷ ବୟସର ୧୫୬୧୯୮ ଭୋଟର, ୭୦ରୁ ୭୯ ବର୍ଷ ବୟସର ୮୫୮୮୬ ଭୋଟର, ୮୦ରୁ ୮୯ ବର୍ଷ ବୟସର ୩୩୬୮୧ ଭୋଟର, ୯୦ରୁ ୯୯ ବର୍ଷ ବୟସର ୭୪୫୬ ଭୋଟର, ୧୦୦ରୁ ୧୦୯ ବର୍ଷ ବୟସର ୫୨୧ ଜଣ ଭୋଟର, ୧୧୦ ରୁ ୧୧୯ ବର୍ଷ ବୟସର ୫୩ ଜଣ ଓ ୧୨୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ୩ ଜଣ ଭୋଟର ରହିଛନ୍ତି। ସୂଚନାଯୋଗ୍ୟ, ପୁରୀ ଜିଲାର ମୋଟ ଭୋଟରଙ୍କ ସଂଖ୍ୟା ୧୪,୧୩,୫୧୨। ସେମାନଙ୍କ ମଧ୍ୟରୁ ପୁରୁଷ ୭୨୫୭୮୪, ମହିଳା ୬୮୭୬୪୩ ଓ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୮୫। ଏହି ଭୋଟରମାନେ ୧୫୯୮ଟି ବୁଥରେ ମତାଧିକାର ସାବ୍ୟସ୍ତ କରିବେ। ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ନିର୍ବାଚନ ମଣ୍ଡଳୀ ପାଇଁ ଚଳିତ ମାସ ୨୫ରେ, କାକଟପୁର ଓ ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜୁନ ୧ ତାରିଖରେ ମତଦାନ ହେବ। ସମସ୍ତ ମତଦାତା ନିଜ ବୁଥ୍‌ରେ ନିଶ୍ଚୟ ମତଦାନ କରିବାକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁରୋଧ କରିଛନ୍ତି।

## ରୋଡ୍ ଶୋ' କରି ଭୋଟ୍ ମାଗିଲେ ପାଣ୍ଡିଆନ

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି):

ଆସନ୍ତା ୨୫ ତାରିଖରେ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ବିଧାନସଭା ଆସନରେ ମତଦାନ ହେବାକୁ ଯାଉଛି। ସମସ୍ତ ଆସନରେ ବିଜୁ ଜନତା ଦଳ (ବିଜେଡି)ର ପ୍ରାର୍ଥୀ ଯେପରି ବିଜୟଲାଭ କରିବେ ସେ ନେଇ ଦଳ ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ପୁରୀ ଆସି ରୋଡ୍ ଶୋ'କରିବା ସହ ସତ୍ୟବାଦୀ ଅଞ୍ଚଳକୁ ଯାଇ ପ୍ରଚାର କରିଛନ୍ତି।

ସନ୍ଧ୍ୟା ପ୍ରାୟ ୭ଟାରେ ପାଣ୍ଡିଆନ ପୁରୀରେ ପହଞ୍ଚିବା ପରେ ପ୍ରଥମେ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ପରେ ମରୀଚିକୋଟ ଛକଠାରୁ ରୋଡ୍ ଶୋ' ଆରମ୍ଭ ହୋଇ ମାର୍କେଟ ଛକ, ବଳଗଣ୍ଡି ଛକ, ମେଡିକାଲ ଛକ ଦେଇ ଅଠରନଳାଠାରେ ଶେଷ ହୋଇଥିଲା। ଏହି ସମୟରେ ବିଭିନ୍ନ ଲୋକନୃତ୍ୟ, ଲୋକବାଦ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ବିଜେଡି ପତାକାରେ ବଡ଼ଦାଣ୍ଡ ସବୁଜମୟ ହୋଇଉଠିଥିଲା।

ରୋଡ୍ ଶୋ'ରେ ପାଣ୍ଡିଆନ ଆଗରେ ଚାଲିଥିବାବେଳେ ତାଙ୍କ ପଛକୁ ବିଧାୟକ



ପ୍ରାର୍ଥୀ ସୁନୀଲ ମହାନ୍ତି, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଓ ଜିଲା ବିଜେଡି ସଭାପତି ଦିବାକର ପାତ୍ର ରହିଥିଲେ। ସେହିପରି ଅନ୍ୟ ଏକ ଗାଡ଼ିରେ ପୁରୀ ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ରହିଥିଲେ। ଜୟ ନବୀନ, ଶଙ୍ଖଚିହ୍ନ ଜିନ୍ଦାବାଦ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ବିଜେଡି ପ୍ରାର୍ଥୀଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ଜିତାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ପାଣ୍ଡିଆନ ଆହ୍ୱାନ ଦେଇଥିଲେ। ରାଜ୍ୟବାସୀଙ୍କ ଭଲ ପାଇବା ଓ ଆଶୀର୍ବାଦରୁ ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଆସନ୍ତା ୯ ତାରିଖରେ ନବୀନ ପଟ୍ଟନାୟକ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ସେ ଶପଥ ନେବା ପରେ ପ୍ରଥମେ ବିଦ୍ୟୁତ୍ ବିଲ୍ ଛାଡ଼ କରାଯିବ। ସେହିପରି ମିଶନ ଶକ୍ତି ମହିଳାମାନଙ୍କୁ ୬୦ବର୍ଷ ପରେ ପେନସନ ଦିଆଯିବ। ସମସ୍ତ ସରକାରୀ ଓ ବେସରକାରୀ ବ୍ୟକ୍ତିବିଶେଷଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ଦିଆଯିବ ଏବଂ ପୁରୀବାସୀଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ପାଣ୍ଡିଆନ୍ ପ୍ରତିଶ୍ରୁତି ଦେଇଥିଲେ। ରୋଡ୍ ଶୋ' ଦେଖିବା ନିମନ୍ତେ ପ୍ରବଳ ଭିଡ଼ ହୋଇଥିଲା।

## 'ବିଜେଡିର ମାଗଣା ବିଦ୍ୟୁତ୍ ପ୍ରସଙ୍ଗ ବିରୋଧୀଙ୍କ ନିଦ ହଜାଇଛି'

ସାକ୍ଷୀଗୋପାଳ,୨୦।୫
(ପ୍ରଶାନ୍ତ କୁମାର ବାରିକ୍/
କିଶୋର ମହାପାତ୍ର/ଭରତ ରାଉତ)

- ସାକ୍ଷୀଗୋପାଳ ମନ୍ଦିର ରୂପାନ୍ତରିତ ହେବ
- ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠଙ୍କ ଜନ୍ମସ୍ଥାନ ବିକଶିତ କରାଯିବ

ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପଣ୍ଡିଆନ ସୋମବାର ରାତି ସମୟରେ ପୁରୀ ଜିଲା ସତ୍ୟବାଦୀରେ ପୁରୀ ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ସତ୍ୟବାଦୀ ବିଧାନସଭା ପ୍ରାର୍ଥୀ ସଞ୍ଜୟ ଦାସବର୍ମାଙ୍କ ପାଇଁ ନିର୍ବାଚନୀ ପ୍ରଚାର କରିଛନ୍ତି। ଏଥିସହ ଏକ ସାଧାରଣ ସଭାରେ ୨ ପ୍ରାର୍ଥୀଙ୍କୁ ନିର୍ବାଚନ ଜିତାଇବାକୁ ଲୋକଙ୍କୁ ନିବେଦନ କରିଥିଲେ। ଏକ ଶୋଭାଯାତ୍ରାରେ ବହୁ ସଂଖ୍ୟକ ମହିଳା ପୁରୁଷଙ୍କ ମଧ୍ୟରେ ପଣ୍ଡିଆନ, ଅରୂପ ଏବଂ ସଞ୍ଜୟ ସାକ୍ଷୀଗୋପାଳ ବଜାର ମଧ୍ୟ ଦେଇ ସ୍ଥାନୀୟ ପଞ୍ଚସଖା ଖେଳପଡ଼ିଆରେ ପହଞ୍ଚିଥିଲେ। ସଭାରେ ପାଣ୍ଡିଆନ କହିଥିଲେ, ଜୁଲାଇରୁ ବିଦ୍ୟୁତ୍ ବିଲ୍ ଆସିବ ନାହିଁ। ବିଜେଡି ସରକାର ମାଗଣାରେ ବିଜୁଳି ଦେବ। ଏଥିରେ ଆପଣମାନେ ଖୁସି ତ...। ତାଙ୍କର ଏହି କଥାରେ ବହୁ ଲୋକ 'ହଁ ଆମେ ଖୁସି' ବୋଲି କହିଥିଲେ। ସେ ପୁଣି କହିଥିଲେ, ବିରୋଧୀ ଦଳ ନେତାମାନେ ମିଛ କଥା କହୁଛନ୍ତି। ସେମାନେ



ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ଉଦ୍‌ବୋଧନ ଦେଉଛନ୍ତି ।

ଅପପ୍ରଚାରରେ ମାତିଛନ୍ତି। ଭୋଟ ସମୟ ହୋଇଥିବାରୁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଜୁଲାଇରୁ ବିଜେଡି ମାଗଣା ବିଜୁଳି ଦେବ ଜାଣି ବିରୋଧୀଙ୍କ ନିଦ ହଜିଗଲାଣି ବୋଲି ସେ କହିଥିଲେ। ଆପଣମାନେ ସେମାନଙ୍କ ପ୍ରତି ସତର୍କ ରହନ୍ତୁ। ବିକାଶ ପାଇଁ ବିଜେଡି ପ୍ରାର୍ଥୀଙ୍କୁ ବାଛିବାକୁ ନିବେଦନ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ପଚାରିଥିଲେ। ଫାଇଭ୍‌ଟି ଭଲ କି, ମିଶନ ଶକ୍ତି, ୫-ଟି ସ୍କୁଲ ରୂପାନ୍ତରଣ, ନୂଆ-ଓ ଛାତ୍ରବୃତ୍ତି, କାଳିଆ, ମମତା ଯୋଜନା ଭଲ ହୋଇଛି, ମା' ସମଲେଇଙ୍କ ପ୍ରକଳ୍ପ କାମ ଭଲ ହୋଇଛି ତ, ପୁରୀ ପରିକ୍ରମା ପ୍ରକଳ୍ପ ଭଲ ହୋଇଛି ତ ଆଦି ସେ ପଚାରିଥିଲେ। ବିରୋଧୀଙ୍କୁ ଏ ପ୍ରକଳ୍ପଗୁଡ଼ିକ ମିଛ ଲାଗୁଛି। ହେଲେ ବିରୋଧୀ ହେଉଛନ୍ତି ଟୁରିଷ୍ଟ, ସେ ଆସିବେ ଯିବେ। ବହୁତ କଥା କହିବେ। କାମ କମ୍ କରିବେ କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ସବୁବେଳେ ଆପଣଙ୍କ ସହିତ ରହିଛନ୍ତି ଆଉ ରହିବେ ବୋଲି କହିଥିଲେ। ଅରୂପ ଓ ସଞ୍ଜୟଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। ୨ ପ୍ରାର୍ଥୀଙ୍କ ସହ ନବୀନ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ହେଲେ ପ୍ରଥମେ ସାକ୍ଷୀଗୋପାଳ ମନ୍ଦିର ରୂପାନ୍ତରିତ ହେବ। ଯାହା ଦ୍ୱାରା ଏଠାକୁ ଦୈନିକ ହଜାର ହଜାର ଯାତ୍ରୀ ଆସିବେ। ଆଚାର୍ଯ୍ୟ ହରିହର ଦାସ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଗ୍ରାମ ଶାସନ ଶ୍ରୀରାମଚନ୍ଦ୍ରପୁର ଗ୍ରାମକୁ ବିକଶିତ କରାଯିବ। ପାନୀୟ ଜଳର ଅଭାବ ବହୁତ ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଥିଲେ। ମଞ୍ଚରେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ, ରବି ମଲ୍ଲିକ, ସତ୍ୟବାଦୀ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପକାଇ ସ୍ୱାଗତ କରାଯାଇଥିଲା।





ଭୁବନେଶ୍ୱରରେ ସୋମବାର ଅନୁଷ୍ଠିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ୍ ଶୋ'ରେ ଏକାମ୍ର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅଶୋକଚନ୍ଦ୍ର ପଣ୍ଡା, ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ମେୟର ସୁଲୋଚନା ଦାଶ (ବାମ)। କଳାକାରଙ୍କ ସହ କର୍ମୀ ଓ ସହରବାସୀ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରୁଛନ୍ତି।

# ସମ୍ବିତ୍ ପାତ୍ରଙ୍କ କୁଶପୁତ୍ତଳିକା ଦାହ କଲା କଂଗ୍ରେସ

ଭୁବନେଶ୍ୱର,୨୦।୫
(ଅନୁରାଧା ମହାରଣା)

ପୁରୀ ଭାଜପା ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ଶ୍ରୀଜଗନ୍ନାଥଙ୍କୁ ଅପମାନିତ କରିଥିବା ଦର୍ଶାଇ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ସହ ମାଷ୍ଟରକ୍ୟାଣ୍ଟିନ ଛକରେ ସମ୍ବିତଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ଅବସରରେ ରଞ୍ଜିତ କହିଛନ୍ତି ଯେ, ପୁରୀ ଭାଜପା ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ଜଗନ୍ନାଥଙ୍କୁ ମୋଦିଙ୍କ ଭକ୍ତ କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସମ୍ବିତଙ୍କ ବକ୍ତବ୍ୟ ଓଡ଼ିଆ ଜାତି ତଥା ବିଶ୍ୱର ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି। କ୍ଷମତାରେ ଅନ୍ଧ ହୋଇ ଭାଜପା ଜଗନ୍ନାଥଙ୍କୁ ମାନିବାକୁ ପ୍ରସ୍ତୁତ ନୁହେଁ। ମୋଦିଙ୍କୁ ଜଗନ୍ନାଥଙ୍କ ଉପରେ ସ୍ଥାପିତ କରିବା ଧୃଷ୍ଟତାକୁ ଓଡ଼ିଶାବାସୀ ବା ବିଶ୍ୱବାସୀ କ୍ଷମା ଦେବେନାହିଁ ବୋଲି ସେ କହିଛନ୍ତି। ଭାଜପା ଓ ସମ୍ବିତ ପାତ୍ର ଧରାକୁ ସରା ମଣିଲେଣି। ଏହାର ଜବାବ ନିଶ୍ଚିତ ଭାବରେ ଓଡ଼ିଶାବାସୀ ଦେବେ ବୋଲି ରଞ୍ଜିତ କହିଛନ୍ତି। ଏହି ବିକ୍ଷୋଭରେ ଅଜୟ ସାହୁ, ଗଣେଶ ଦାସ, ଅମୀୟ ପାଣ୍ଡବ, ସୁରଜ ରାଉତ, ବଳରାମ ନନ୍ଦ, ଉଦିତ ପ୍ରଧାନ, କାର୍ତ୍ତିକ କାଣ୍ଡି ପ୍ରମୁଖ ଯୋଗଦେଇଥିଲେ।



ମାଷ୍ଟରକ୍ୟାଣ୍ଟିନ ଛକରେ ପୁରୀ ଏମ୍‌ପି ପ୍ରାର୍ଥୀଙ୍କ ମନ୍ତବ୍ୟକୁ ବିରୋଧ କରି କଂଗ୍ରେସର ବିକ୍ଷୋଭ।

# କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପ୍ରତିଶ୍ରୁତି ଦେଲେ ପ୍ରିୟଦର୍ଶୀ



ଉତ୍ତର ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ପ୍ରଚାର କରୁଛନ୍ତି।

ଭୁବନେଶ୍ୱର, ୨୦।୫ (ବନ୍ଦନା ସେଠୀ)

ଉତ୍ତର ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ଜୋର୍‌ଦାର ପ୍ରଚାର ଚଳାଇଛନ୍ତି। ସୋମବାର ପ୍ରିୟଦର୍ଶୀ ରଘୁନାଥପୁର ପଞ୍ଚାୟତରେ ରୋଡ ଶୋ' କରି ଶକ୍ତି ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ସୋମନାଥ ନଗରରୁ ରୋଡ ଶୋ' ବାହାରି ପଞ୍ଚାୟତର ସବୁ ଗଳିକନ୍ଦି ପରିକ୍ରମା କରି ଭୋଟ ନିବେଦନ କରିଥିଲେ। ଶତାଧିକ ବାଇକ୍ ସହ କର୍ମୀମାନେ ଏହି ରାଲିରେ ସାମିଲ ଥିଲେ। ଝାମୁ ପଡ଼ିଆ ମଙ୍ଗଳା ମନ୍ଦିର ନିକଟରେ ରୋଡ ଶୋ' ଶେଷ ହୋଇଥିଲା। ଏହି ଅବସରରେ ପ୍ରିୟଦର୍ଶୀ କହିଲେ, ରାଜ୍ୟ ସରକାରଙ୍କ ଅପାରଗତା ପାଇଁ ପାଞ୍ଚଟି ପଞ୍ଚାୟତରେ କେନ୍ଦ୍ରୀୟ ବିଦ୍ୟାଳୟ ନାହିଁ। ଛାତ୍ରୀଛାତ୍ର ଦୂରଦୂରାନ୍ତ କେନ୍ଦ୍ରୀୟ ବିଦ୍ୟାଳୟକୁ ଯାଇ ପଢୁଛନ୍ତି। ତେବେ ନିର୍ବାଚନରେ ଭାଜପା ଜିତିଲେ ପଞ୍ଚାୟତରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବ ବୋଲି ପ୍ରିୟଦର୍ଶୀ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡବଲ ଇଞ୍ଜିନ ସରକାରଙ୍କୁ ଏଠାକୁ ଆଣିବାକୁ ପଡିବ ବୋଲି ସେ କହିଥିଲେ। ଭାଜପାକୁ ଡବଲ ପଦ୍ମରେ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ଏହି ସମୟରେ ପଞ୍ଚାୟତର ଗ୍ରାମବାସୀ ପ୍ରିୟଦର୍ଶୀଙ୍କୁ ସ୍ୱାଗତ କରିବା ସହିତ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ପ୍ରତଶ୍ରୁତି ଦେଇଥିଲେ।

# ଅନନ୍ତଙ୍କୁ ସମର୍ଥନ ଜଣାଇଲା ବାପୁଜୀ ନଗର ନାଗରିକ କମିଟି

ଭୁବନେଶ୍ୱର, ୨୦।୫ (ବନ୍ଦନା ସେଠୀ)

ବାପୁଜୀ ନଗର ନାଗରିକ କମିଟି ଭୁବନେଶ୍ୱର ମଧ୍ୟ ବିଜେଡି ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛି। ସ୍ଥାନୀୟ ଏକ ହୋଟେଲରେ କମିଟି ସଭାପତି ହିମାଂଶୁ ମହାନ୍ତି, ସମ୍ପାଦକ ଦୁଷ୍ମନ୍ତ ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱଜିତ ମିତ୍ର, ବ୍ୟବସାୟୀ ସଂଘ ସଭାପତି ମିର୍ ମହମ୍ମଦ କାଲିମ, ସମ୍ପାଦକ ଦୁର୍ଗାପ୍ରସାଦ ସାହୁ, ଦୁର୍ଗାପୂଜା ସମିତି ସଭାପତି ମିଟୁ ସିଂ, ଲକ୍ଷ୍ମୀପୂଜା ସମିତି ସଭାପତି ଆଶିଷ ପଟ୍ଟନାୟକ ଓ ବରିଷ୍ଠ ବିଜେଡି ନେତା ପୀୟୂଷ ପଟ୍ଟନାୟକଙ୍କ ଉପସ୍ଥିତିରେ ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଏହି ଘୋଷଣା କରାଯାଇଥିଲା। ତାଙ୍କର କାର୍ଯ୍ୟ ଦକ୍ଷତା ଯୋଗୁ ଭୁବନେଶ୍ୱର ସ୍ମାର୍ଟସିଟି ମାନ୍ୟତା ପାଇଥିଲା। କାର୍ଯ୍ୟକରିବା ଶୈଳୀ ଓ ସମସ୍ୟାର ତ୍ୱରିତ ସମାଧାନ କରିବାରେ ପ୍ରଚେଷ୍ଟା ପାଇଁ ସେ ଆଜି ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ଜେନା ଏହି ସମର୍ଥନ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଯେଉଁ ଦ୍ରୁତ ବିକାଶ ହୋଇଛି, ତାହା ଆଗକୁ ମଧ୍ୟ ତ୍ୱରାନ୍ୱିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କ ସହ ଅନ୍ୟମାନେ।

# ୪ନଂ. ୱାର୍ଡରେ ସୁଶାନ୍ତଙ୍କ ଶୋଭାଯାତ୍ରା



ଭୁବନେଶ୍ୱର ଉତ୍ତର ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ପ୍ରଚାର ସମୟରେ ଲୋକଙ୍କୁ ଭେଟୁଛନ୍ତି।

ବାଲିଅନ୍ତା,୨୦।୫(ନୀଳମାଧବ ସାହୁ)

ଭୁବନେଶ୍ୱର ଉତ୍ତର ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ସୋମବାର ବିଏମ୍‌ସିର ୪ନଂ. ୱାର୍ଡରେ ପ୍ରଚାର କରିଛନ୍ତି। ନହରକଣ୍ଟା ବସୁନ୍ଧରା କଲୋନୀ ନିକଟ ଢାବା ଛକଠାରୁ ରାଉତ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏକ ଖୋଲା ଗାଡ଼ିରେ ପ୍ରାର୍ଥୀ ସୁଶାନ୍ତ ରୋଡ୍ ଶୋ'ରେ ବାହାରି ନହରକଣ୍ଟା, ହରିଦାସପୁର, ବଙ୍ଗୁଆରୀ, ନୂଆପାଟଣା, ନଖରା, ଯୋହଳ, ଜୟପୁର, ପାହାଳ ଓ ହଂସପାଳ ଆଦି ଗ୍ରାମକୁ ବୁଲି ଭୋଟ ଭିକ୍ଷା କରିଛନ୍ତି। ବିଭିନ୍ନ ଗ୍ରାମର ସାହି ପରିକ୍ରମା ସମୟରେ ସ୍ଥାନୀୟ ବାସିନ୍ଦାମାନେ ସୁଶାନ୍ତଙ୍କୁ ଫୁଲତୋଡ଼ା ଓ ମାଳ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାର୍ଥୀ ସୁଶାନ୍ତ ଗାଡ଼ିରୁ ଓହ୍ଲାଇ ଲୋକଙ୍କୁ ଭେଟି ଯୋଡ଼ି ଶଙ୍ଖରେ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ୪ନଂ. ୱାର୍ଡରେ ମାରାଥନ ପ୍ରଚାର କରି ଶେଷରେ ହଂସପାଳ ଗ୍ରାମର ଆରାଧ୍ୟ ଦେବୀ ମା' ଖରାଖାଇଙ୍କ ଆଶୀର୍ବାଦ ନେଇ ଭୁବନେଶ୍ୱର ଅନ୍ୟସ୍ଥାନକୁ ପ୍ରଚାର ପାଇଁ ଯାଇଥିଲେ। ଶୋଭାଯାତ୍ରାରେ ଅନେକ ସମର୍ଥକ ଓ କର୍ମୀ ବାଇକ୍, ଅଟୋ ଓ କାର୍‌ରେ ସାମିଲ ହୋଇଥିଲେ।

# ସମ୍ବିତ ଅକ୍ଷମଣୀୟ ଅପରାଧ କରିଛନ୍ତି: ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୦।୫
(ଅନୁରାଧା ମହାରଣା)

ପୁରୀ ଭାଜପା ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ଏକ ଭିଡ଼ିଓ ସୋମବାର ଦ୍ରୁତଗତିରେ ଭାଇରାଲ ହେଉଥିବାବେଳେ ଏଥିରେ ସେ ଶ୍ରୀଜଗନ୍ନାଥଙ୍କୁ ମୋଦିଙ୍କ ଭକ୍ତ ବୋଲି କହୁଥିବା ଶୁଣିବାକୁ ମିଳୁଛି। ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଥିବାବେଳେ ରାଜନୈତିକ ବୟାନବାଜି ତେଜିବାରେ ଲାଗିଛି। ଏନେଇ ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଛନ୍ତି, ବିଶ୍ୱନିୟନ୍ତା ପ୍ରଭୁ ଜଗନ୍ନାଥଙ୍କୁ ମୋଦିଙ୍କ ଭକ୍ତ କହି ସମ୍ବିତ ଧୃଷ୍ଟତା ନୁହେଁ, ଏହା ଏକ ଅକ୍ଷମଣୀୟ ଅପରାଧ କରିଛନ୍ତି। ଭାଜପା ଓ ନିଜେ ସମ୍ବିତ ପାତ୍ର ଓଡ଼ିଆ ଜାତିର ଆରାଧ୍ୟ ଦେବତାଙ୍କୁ ଅପମାନିତ କରିଥିବାରୁ କ୍ଷମା ମାଗିବା ଉଚିତ ବୋଲି ପାର୍ଟି ପକ୍ଷରୁ ବେହେରା ଦାବି କରିଛନ୍ତି।

# ଏକାମ୍ରବାସୀଙ୍କ ଅସ୍ମିତାର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ: ବାବୁ ସିଂ

ଭୁବନେଶ୍ୱର, ୨୦।୫ (ବନ୍ଦନା ସେଠୀ)

## ପୋଖରୀପୁଟ, ବାସୁଆଘାଇ, ଡୁମୁଡୁମାରେ ପଦଯାତ୍ରା



ଏକାମ୍ର ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ମାରାଥନ ପ୍ରଚାର ଜାରି ରଖିଛନ୍ତି। ସୋମବାର ସକାଳଠାରୁ ରାତି ପର୍ଯ୍ୟନ୍ତ କର୍ମୀ ଓ ସମର୍ଥକଙ୍କ ସହ ବିଭିନ୍ନ ଅଞ୍ଚଳରେ ପଦଯାତ୍ରା କରି ଲୋକଙ୍କ ଆଶୀର୍ବାଦ ନେଇଥିଲେ। ପ୍ରଥମେ ସେ ପୋଖରୀପୁଟ ଅଞ୍ଚଳର କାର୍‌ଗିଲ୍ ବସ୍ତିରେ ପଦଯାତ୍ରା କରିଥିଲେ। ତା'ପରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସହ ମିଶି ବାସୁଆଘାଇ ପଞ୍ଚାୟତ ଅଞ୍ଚଳରେ ରୋଡ ଶୋ' ଓ ପଦଯାତ୍ରା କରିଥିଲେ। ଏହାପରେ ଶିଶୁପାଳଗଡ଼ ମହାବୀର ନଗରରେ ପଦଯାତ୍ରା କରିଥିଲେ। ରାତିରେ ଡୁମୁଡୁମା ଅଞ୍ଚଳର ରଘୁନାଥ ନଗରରେ ସମର୍ଥକଙ୍କ ସହ ମିଶି ପଦଯାତ୍ରା କରିଥିଲେ। ଲୋକେ ସ୍ୱତଃପ୍ରବୃତ୍ତ ଭାବେ ତାଙ୍କୁ ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ବାବୁ କହିଛନ୍ତି, ଏକାମ୍ର ନିର୍ବାଚନମଣ୍ଡଳୀ ସର୍ବଦା ବିଜେଡ଼ି ସରକାର ଦ୍ୱାରା ଅବହେଳିତ ଅବସ୍ଥାରେ ରହିଛି। ସ୍କୁଲଠାରୁ ପିଇବା ପାଣି, ରାସ୍ତା, ଆଲୋକୀକରଣ ଭଳି ମୌଳିକ ସୁବିଧା ଯୋଗାଇବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ମୁଖ୍ୟମନ୍ତ୍ରୀ ଏକାମ୍ରରେ ଘୋଷଣା କରିଥିବା ଯୋଜନା କେବଳ ଘୋଷଣାରେ ରହିଯାଇଛି। ଏପରିକି ମୁଖ୍ୟମନ୍ତ୍ରୀ ବସ୍ତିବାସିନ୍ଦାଙ୍କୁ ଘର ଦେବେ କହି ମିଛ ପଟ୍ଟା ବାଣ୍ଟିଛନ୍ତି। ବିଜେଡ଼ି ସରକାର କେବଳ ଲୋକଙ୍କୁ ମିଛ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଚାଲିଛି ବୋଲି ବାବୁ କହିବା ସହ ଭାଜପା ଆସିଲେ ଏସବୁ ସମସ୍ୟାର ସମାଧାନ ହେବ। ଏକାମ୍ର ନିର୍ବାଚନମଣ୍ଡଳୀର ଅସ୍ମିତା, ସଂସ୍କୃତି, ଗୌରବର ସୁରକ୍ଷା ପାଇଁ ଆମେ ସଂକଳ୍ପ ବଦ୍ଧ ବୋଲି ବାବୁ କହିଥିଲେ। ନରେନ୍ଦ୍ର ମୋଦି ଦେଶରେ ତୃତୀୟଥର ପ୍ରଧାନମନ୍ତ୍ରୀ ହେବେ ଓ ଓଡ଼ିଶାରେ ବିକଳ୍ପ ସରକାର ହେବାସହ ଏକାମ୍ର ନିର୍ବାଚନ ମଣ୍ଡଳୀରେ ଭାଜପା ନିଶ୍ଚିତ ବିଜୟ ଲାଭ କରିବ। ଏକାମ୍ରର ଅସ୍ମିତାର ସୁରକ୍ଷା ତଥା ସ୍ୱାଭିମାନ ପାଇଁ ଭାଜପା ହାତରେ କ୍ଷମତା ଆସିବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ।

# ପୋଷ୍ଟର ଚିରାକୁ ନେଇ ଗଣ୍ଡଗୋଳ

## କ୍ୟାପିଟାଲ ଥାନାରେ ପୃଥକ ମାମଲା

ଭୁବନେଶ୍ୱର,୨୦।୫(ସତ୍ୟଜିତ୍ ରାଉତ): କ୍ୟାପିଟାଲ ଥାନା ଅନ୍ତର୍ଗତ ସୂର୍ଯ୍ୟବିହାର ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ପୋଷ୍ଟର ଚିରାକୁ ନେଇ ଦୁଇ ରାଜନୈତିକ ଦଳର ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉଭୟ ପକ୍ଷରୁ ଏନେଇ ସୋମବାର କ୍ୟାପିଟାଲ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଭାଜପା ସମର୍ଥକ ଶ୍ରୀକାନ୍ତଙ୍କ ପକ୍ଷରୁ ସ୍ତ୍ରୀ ଅର୍ଚ୍ଚିତା ଦାସ ଏତଲା ଦେଇଥିବା ବେଳେ ବିଜେଡି ସମର୍ଥକ ଜେନା ରେଡ୍ଡିଙ୍କ ପକ୍ଷରୁ ମା' ବି. ଶାନ୍ତି ଏତଲା ଦେଇଛନ୍ତି। ବିଳମ୍ବିତ ରାତିରେ ଉଭୟ ପକ୍ଷରୁ ୪ରୁ ଊର୍ଦ୍ଧ୍ୱ ଯୁବକ ସୂର୍ଯ୍ୟବିହାର ବସ୍ତି ନିକଟରେ ପୋଷ୍ଟର ଲଗାଉଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ପୋଷ୍ଟର ଚିରାକୁ ନେଇ ହାତାହାତି ଓ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ୪ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।




କଟକ ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଅନ୍ୟ ଭାଜପା ନେତୃବୃନ୍ଦ।




ବାଲିଯାତ୍ରା ଉପର ପଡ଼ିଆରେ ଭାଜପା ପକ୍ଷରୁ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ନେତାମାନେ।



ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଥିବା ଲୋକେ।



ସମାବେଶରେ ୨ ଜଣ ମୋଦିଙ୍କ ଫଟୋଚିତ୍ର ପ୍ରଦର୍ଶନ କରୁଛନ୍ତି।

## ବିଜେଡିର କର୍ମୀ ସମାବେଶ, ରୋଡ୍ ଶୋ'

**ମାଣିଆବନ୍ଧ,୨୦।୫ (ଅଖିଳ କୁମାର ସାହୁ)**

ବଡ଼ମ୍ବା ବିଜୁ ଜନତା ଦଳ ପକ୍ଷରୁ ସୋମବାର ସନ୍ତରାବାଲୀ ପଞ୍ଚାୟତର ରଘୁନାଥ ମଣ୍ଡପରେ ବିଜେଡିର କର୍ମୀ ସମାବେଶ ଓ ରୋଡ୍ ଶୋ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଡ଼ମ୍ବା ବିଧାୟକ ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ର ଓ କଟକ ଏମ୍‌ପି ପ୍ରାର୍ଥୀ ଡ.ସଂନ୍ତୃପ୍ତ ମିଶ୍ର ଗୋପୀନାଥଙ୍କୁ ପୂଜାର୍ଚ୍ଚନା କରିଥିଲେ। ଉଭୟ ପ୍ରାର୍ଥୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିବା ସହ ବିଭିନ୍ନ ୱାର୍ଡ ବୁଲି ଭୋଟ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି , ଉପାଧ୍ୟକ୍ଷଙ୍କ ପ୍ରତିନିଧି ସୁଶାନ୍ତ ଜେନା, ଯୁବ ସଂଗଠକ ସଦାନନ୍ଦ ସ୍ୱାଇଁ, ସନ୍ତରାବାଲୀ ସରପଞ୍ଚ ମିତା ଜେନାଙ୍କ ପ୍ରତିନିଧି ଶ୍ରୀକାନ୍ତ ଜେନା, ସମିତି ସଭ୍ୟ ବିଭୂତି ଭୂଷଣ ଜେନା, ସାମାଜିକ କର୍ମୀ ପ୍ରଶାନ୍ତ ଜେନା, ମୁରଲୀଧର ନାୟକ, ଶରତ ସାହୁ, ସୁଦର୍ଶନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## 'ନବୀନ ୱାରେଣ୍ଟି ଆଗରେ ମୋଦି ଗ୍ୟାରେଣ୍ଟି ଫେଲ୍'

**କଟକ, ୨୦।୫(ଶିଳ୍ପା ପ୍ରିୟଦର୍ଶିନୀ)**

ନବୀନ ୱାରେଣ୍ଟି ଆଗରେ ମୋଦି ଗ୍ୟାରେଣ୍ଟି ଫେଲ୍ ବୋଲି ବିଜେଡି ବାରବାଟୀ-କଟକ ପ୍ରାର୍ଥୀ ପ୍ରକାଶ ବେହେରା କହିଛନ୍ତି। କଟକ ରାଜାବଗିଚାସ୍ଥିତ ବିଜେଡି କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ ଭାଜପାକୁ ଟାର୍ଗେଟ କରି କହିଛନ୍ତି, କଟକରେ ପ୍ରଧାନମନ୍ତ୍ରୀ ମୋଦି ମିଛ ବକ୍ତବ୍ୟ ଦେଇଛନ୍ତି। ଯେଉଁ ଖଣି ମାଫିଆ କଥା ସେ ଉଠାଇଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା। କାରଣ ଖଣି କେନ୍ଦ୍ର ଅଧୀନରେ ଆସୁଛି। ଏଠାରେ ମାଫିଆ କିଏ ତାହା ପ୍ରଧାନମନ୍ତ୍ରୀ ମୋଦି ଜଣାଇଛନ୍ତି। କଟକରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଛନ୍ତି, ହେଲେ ବିକାଶ କାର୍ଯ୍ୟରେ ଏପରି ପ୍ରଶ୍ନ ଉଠାଇବା ସମ୍ପୂର୍ଣ୍ଣ ଭିତ୍ତିହୀନ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଆ ଜାତିକୁ କୁଠାରଘାତ କରିଛନ୍ତି ମୋଦି। ପୁରୀ ଗସ୍ତ ସମୟରେ ତାଙ୍କର ମୁଖପାତ୍ର ସମ୍ବିତ ପାତ୍ର ଜଗନ୍ନାଥ ମହାପ୍ରଭୁ ମୋଦିଙ୍କ ଭକ୍ତ ବୋଲି କହିବା ଓଡ଼ିଆଙ୍କୁ ଆଘାତ ଦେଇଛି। ଏଥିସହ ପ୍ରଧାନମନ୍ତ୍ରୀ ମୋଦି ଏବେ କପି ପେଷ୍ଟ ସିଷ୍ଟମ ଆପଣାଇଛନ୍ତି ବୋଲି ପ୍ରକାଶ ଅଭିଯୋଗ କରିଛନ୍ତି। ଓଡ଼ିଶାରେ ବିଜେଡି ସରକାର ହେଲେ ବିଦ୍ୟୁତ୍ ବିଲ୍ ଛାଡ଼ ହେବା ନେଇ ମୁଖ୍ୟମନ୍ତ୍ରୀ ଯେଉଁ ଇସ୍ତାହାର ଜାରି କରିଛନ୍ତି ତାହାକୁ କପି ପେଷ୍ଟ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ବିଜେଡି ପ୍ରଥମେ ବିଦ୍ୟୁତ୍ ବିଲ ଛାଡ଼ କରିବା ନେଇ ଘୋଷଣା କରିଛି। ମୋଦି ଆଜି ସମାନ କଥାକୁ ଦୋହରାଇଛନ୍ତି। ତେବେ ମୋଦିଙ୍କ କଟକ ଗସ୍ତ ପ୍ରଭାବହୀନ, ଯାହା ଆଜିର ସମାବେଶରୁ ସ୍ପଷ୍ଟ ହୋଇଛି। ଏହାବ୍ୟତୀତ ରତ୍ନଭଣ୍ଡାର ଚାବି ହଜିବା, ଚିଟ୍‌ଫଣ୍ଡ ଭଳି ପ୍ରସଙ୍ଗକୁ ରାଜନୈତିକ ପ୍ରସଙ୍ଗ କରିବା ଭାଜପାର ସ୍ୱଭାବ। ପ୍ରଥମେ ରାଜ୍ୟରେ ଭାଜପା ନେତୃତ୍ୱ ବାଛୁ, ତା' ପରେ ବିଜୟ ଆଶା ରଖିବ ବୋଲି ପ୍ରକାଶ କହିଛନ୍ତି। ଉକ୍ତ ସମ୍ମିଳନୀରେ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଡବଲ ନୁହେଁ, ନବୀନ ଇଞ୍ଜିନ ସରକାର କରିବ



ସାଲେପୁରରେ ଅନୁଷ୍ଠିତ ସମାବେଶରେ ମହିଳାମାନେ ପାଣ୍ଡିଆନଙ୍କୁ ସ୍ୱାଗତ କରୁଛନ୍ତି।

### କାର୍ତ୍ତିକ ପାଣ୍ଡିଆନଙ୍କ ମାହାଙ୍ଗା, ସାଲେପୁର ଗସ୍ତ

**ନିଶ୍ଚିନ୍ତକୋଇଲି/ସାଲେପୁର/ମାହାଙ୍ଗା,୨୦।୫ (ଅଶୋକ କୁମାର ମହାପାତ୍ର/ଅରବିନ୍ଦ ଭୂୟାଁ/ଯଯାତି ସିଂ)**

କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଅଧୀନ ସାଲେପୁର ଓ ମାହାଙ୍ଗା ବିଧାନସଭା କ୍ଷେତ୍ରରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ମାରାଥନ ନିର୍ବାଚନ ପ୍ରଚାରରେ ଆସି ପ୍ରଧାନମନ୍ତ୍ରୀଙ୍କୁ କାଉଣ୍ଟର ଆଟାକ୍ କରିବା ସହ ଓଡିଶାରେ ଡବଲ ନୁହେଁ, ନବୀନ ଇଞ୍ଜିନ ସରକାର କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜୁନ୍ ୯ ତାରିଖରେ ନବୀନ ପଟ୍ଟନାୟକ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ମଧ୍ୟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସ୍ୱଚ୍ଛ ଶାସନ ଓ ଜନ କଲ୍ୟାଣ ଯୋଜନା ନବୀନଙ୍କ ସଫଳତାର ଚାବିକାଠି ବୋଲି ସେ କହିଛନ୍ତି। ସୋମବାର ପୂର୍ବାହ୍ନ ୧୧ଟାରେ ହେଲିକ୍ୟାପ୍ଟର ଯୋଗେ ପାଣ୍ଡିଆନ ଆସି ସାଲେପୁର କଲେଜ ପରିସରରେ ଥିବା ପଡ଼ିଆରେ ଓହ୍ଲାଇ ଥିଲେ। ଏହାପରେ କାର୍ ଯୋଗେ ସାଲେପୁର ହାଇସ୍କୁଲ ପଡ଼ିଆରେ ଆୟୋଜିତ ସମାବେଶରେ ପହଞ୍ଚିଥିଲେ।

ସମାବେଶରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ କେନ୍ଦ୍ରାପଡା ଏମ୍‌ପି ପ୍ରାର୍ଥୀ ଅଂଶୁମାନ୍ ମହାନ୍ତି ଯୋଗଦେଇ ନବୀନ ସରକାରଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ କହିଥିଲେ। ସାଲେପୁରବାସୀଙ୍କ ସମର୍ଥନରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ବିଜେଡି ନେତା ପାଣ୍ଡିଆନ ଏଥିରେ ଯୋଗଦେଇ କେନ୍ଦ୍ର ସରକାର ସମ୍ବଲପୁର-କଟକ ଜାତୀୟ ରାଜପଥକୁ ୮ବର୍ଷ ଧରି କେବଳ ମରାମତି କରିଚାଲିଛନ୍ତି। ଓଡ଼ିଶାରେ ଜାତୀୟ ରାଜପଥର ବିକାଶ ହୋଇନାହିଁ। ଚାଷୀମାନଙ୍କର ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇଁ ଦାବି କରିଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି ଭ୍ରୂକ୍ଷେପ କରୁ ନଥିଲେ। ଏବେ ନିର୍ବାଚନ ଥିବାରୁ ଚାଷୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଉଛି ବୋଲି ପାଣ୍ଡିଆନ କହିଥିଲେ। ଏହି ଅବସରରେ ସେ ଏମ୍‌ପି ପ୍ରାର୍ଥୀଙ୍କ ନାମ ନ ନେଇ ସିଧାସଳଖ ଟାର୍ଗେଟ କରିଥିଲେ। ଏହି ସଭାରେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳ, ଆମ୍ବା କମିଟି ସଭାପତି ଦିଲୀପ ଦାସ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି, ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ପ୍ରଧାନ, ଛାତ୍ର ବିଜେଡି ସଭାପତି ଶୁଭମ ଦାସ, ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜିତ ଦାସ, ମହିଳା ସଭାନେତ୍ରୀ ରାଜଶ୍ରୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନ ୧ଟାରେ ପାଣ୍ଡିଆନ ମାହାଙ୍ଗା ବିଧାନସଭା କ୍ଷେତ୍ର ବଣ୍ଟୁଆ ପଡିଆରେ ଅବତରଣ କରିଥିଲେ। ସେଠାରୁ ମାହାଙ୍ଗା ବିଧାୟକ ପ୍ରତାପ ଜେନା ତାଙ୍କୁ ସଭା ମଞ୍ଚକୁ ପାଛୋଟି ନେଇଥିଲେ। ସଭାସ୍ଥଳରେ ପାଣ୍ଡିଆନ ମହିଳା ଓ ବରିଷ୍ଠ ଭୋଟରମାନଙ୍କ ପାଖରେ ପହଞ୍ଚି ସେଲ୍‌ଫି ନେଇ ବାର୍ତ୍ତାଳାପ କରିଥିଲେ। ପରେ ମଞ୍ଚକୁ ଆସିଥିଲେ। ବିଧାୟକ ଜେନାଙ୍କ ସଭାପତିତ୍ୱରେ ଏମ୍‌ପି ପ୍ରାର୍ଥୀ ଅଂଶୁମାନ୍ ମହାନ୍ତି, ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଅଭିଭାଷଣ ଦେବା ପରେ ସେ ମଞ୍ଚ ଉପରୁ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରି କହିଥିଲେ, ଓଡିଶାରେ ସ୍ଲୋ ସରକାର ନୁହେଁ ସ୍ପିଡ ସରକାର ଚାଲିଛି। ଓଡିଶାର ବିକାଶ ଧାରା କ୍ଷିପ୍ର ଗତିରେ ଆଗଭର ହେଉଛି। ମାହାଙ୍ଗାରେ ସମସ୍ତ ଧର୍ମୀୟ ପୀଠର ବିକାଶ ହୋଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଆଧାର କରି ସେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ସଭାରେ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷ ରୋଜି ସେଠୀ, ମାହାଙ୍ଗା ବ୍ଲକ ଅଧ୍ୟକ୍ଷା ଦୀପା ମଲିକ ପ୍ରମୁଖ ଯୋଗଦେଇଥିଲେ।

**ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ...**

## ଜୟ ଶ୍ରୀରାମ ନାରାରେ କମ୍ପିଲା କିଲ୍ଲା ପଡ଼ିଆ



**କଟକ,୨୦।୫(ଶିଳ୍ପା ପ୍ରିୟଦର୍ଶିନୀ)**

ବାଲିଯାତ୍ରା ଉପରପଡ଼ିଆ ବା କିଲ୍ଲା ପଡ଼ିଆରେ ସୋମବାର ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଶତାଧିକ କର୍ମୀ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହେଲିକପ୍ଟର ଯୋଗେ ଆସି କଟକରେ ପହଞ୍ଚିବା ପରେ ସମାବେଶରେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଆଗମନ ସମୟରେ ଜୟ ଶ୍ରୀରାମ ଓ ଭାରତ ମାତା କି ଜୟ ନାରାରେ କିଲ୍ଲା ପଡ଼ିଆ ପ୍ରକମ୍ପିତ ହୋଇଥିଲା। ଏପରିକି ମୋଦି ଭାଷଣ ଆରମ୍ଭ କରିବା ପୂର୍ବରୁ ଜୟ ଶ୍ରୀରାମ ସ୍ଲୋଗାନ ଦେଇଥିଲେ ।

### ଫଟୋଚିତ୍ର ଗ୍ରହଣ କଲେ ମୋଦି

ମୋଦି ପ୍ରଶଂସକମାନେ ପ୍ରଧାନମନ୍ତ୍ରୀଙ୍କ ଚିତ୍ର ତିଆରିକରିସ୍ୱାଗତ କରିବା ପାଇଁସମାବେଶକୁ ଆଣିଥିଲେ। ସେମାନେ ପେନ୍‌ସିଲ ଆର୍ଟ, ଆର୍କକାଇଲିକ ଆର୍ଟ, କଲର ଆର୍ଟ ଭଳି ବିଭିନ୍ନ ଚିତ୍ର ତିଆରି କରିଥିବାବେଳେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦେବାକୁ ଚାହିଁଥିଲେ। ମୋଦି ମଞ୍ଚ ଉପରେ ଭାଷଣ ଦେବା ସମୟରେ ଉକ୍ତ ଫଟୋଚିତ୍ରଗୁଡ଼ିକ ଉପରେ ମୋଦିଙ୍କ ନଜର ପଡ଼ିବା ମାତ୍ରେ ତୁରନ୍ତ ସେଗୁଡ଼ିକୁ ଗ୍ରହଣ କରିବାକୁ ଏସ୍‌ପିଜି ଯବାନମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଫଟୋଚିତ୍ର ଆଙ୍କିଥିବା ବ୍ୟକ୍ତିଙ୍କ ନାଁ ଓ ଠିକଣା ଲେଖିବାକୁ ମୋଦି କହିଥିଲେ। ଫଟୋଚିତ୍ର ଦେଇଥିବା ସମର୍ଥକଙ୍କୁ ଚିଠିଦେବେ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ।

### ଭେଟିବାକୁ ଆସିଲେ ଶ୍ୟାମସୁନ୍ଦର

କଟକ ସିଡିଏ ସେକ୍ଟର-୬ ଅଞ୍ଚଳର ଶ୍ୟାମ ସୁନ୍ଦର ନାଥ। ଭିନ୍ନକ୍ଷମ ହୋଇ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଖବର ପାଇ ସମାବେଶରେ ଯୋଗଦେଇଥିଲେ। ଏନେଇ ଶ୍ୟାମ ସୁନ୍ଦର କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟ ବହୁ ପ୍ରଶଂସିତ। ମୋଦିଙ୍କୁ ଦେଖିପାରିବିନି ସତ, ହେଲେ ଦୁଇପଦ ଭାଷଣ ଶୁଣିବା ପାଇଁ ଆସିଥିବା ସେ କହିଛନ୍ତି।

### ଅପରାହ୍ନ ଯାଏ ଦୋକାନ ବନ୍ଦ

ମୋଦି ସମାବେଶରେ ଯୋଗଦେଉଥିବା ଯୋଗୁ ବାରବାଟୀ ଷ୍ଟାଡିୟମ ଅଞ୍ଚଳରେ ଥିବା ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଅପରାହ୍ନ ୪ଟା ପରେ ଦୋକାନ ଖୋଲିବା ନେଇ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଶତାଧିକ ଲୋକ ଯୋଗ ଦେଇଥିବାବେଳେ ପାଣି ବୁନ୍ଦାଏ ପାଇଁ ହନ୍ତସନ୍ତ ହୋଇଥିଲେ ଲୋକେ। ଦୋକାନ ବନ୍ଦ ଯୋଗୁ ଲୋକେ ଗରମରେ କଲବଲ ହୋଇଥିଲେ।

# ପାଣ୍ଡିଆନଙ୍କ ସାଲେପୁର ଗସ୍ତ



ସମାବେଶରେ ବିଜେଡି କର୍ମକର୍ତ୍ତା ଓ ଅନ୍ୟ ଲୋକମାନଙ୍କ ଭିଡ଼ ଜମିଛି।

**ସାଲେପୁର,୨୦।୫(ଅରବିନ୍ଦ ଭୂୟାଁ)**

ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ସାଲେପୁର ଓ ମାହାଙ୍ଗା ଗସ୍ତ ଅବସରରେ ପ୍ରବଳ ଜନଗହଳି ହୋଇଥିବାବେଳେ ବିଭିନ୍ନ ଘଟଣା ଦେଖିବାକୁ ମିଳିଛି।

### ମୁଖ୍ୟ ଆକର୍ଷଣ ପାଲଟିଲା ଚନ୍ଦ୍ରାଦେଇପୁର ପଞ୍ଚାୟତର ର୍‌ୟାଲି

ମୁଖ୍ୟ ଆକର୍ଷଣ ପାଲଟିଲା ଚନ୍ଦ୍ରାଦେଇପୁର ପଞ୍ଚାୟତର ର୍‌ୟାଲି ପାଣ୍ଡିଆନ୍‌ଙ୍କ ଗସ୍ତ ସମୟରେ ଚନ୍ଦ୍ରାଦେଇପୁର ପଞ୍ଚାୟତର ବିଜେଡି କର୍ମୀମାନେ ଶୋଭାଯାତ୍ରାରେ ବାହାରି ବାଜା, ବାଣ ଆଦି ଫୁଟାଇଥିଲେ। ଦୁର୍ଗା ମଣ୍ଡପରୁ ଏହି ଶୋଭାଯାତ୍ରା ବାହାରି କୁଆଁପାଳ ରୋଡ୍ ଦେଇ ସଭାସ୍ଥଳରେ ପହଞ୍ଚିଥିଲା। ଏହି ର୍‌ୟାଲି ସଭାସ୍ଥଳରେ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

### ଦିବ୍ୟାଙ୍ଗ ବାଳିକାଙ୍କ କଥା ଶୁଣିବାକୁ ମଞ୍ଚ ତଳକୁ ଓହ୍ଲାଇଲେ

"କାର୍ତ୍ତିକ ପାଣ୍ଡିଆନ୍ ସଭାମଞ୍ଚରେ ଭାଷଣ ଦେଇସାରିବା ବେଳକୁ ଜଣେ ଦିବ୍ୟାଙ୍ଗ ବାଳିକା ତାଙ୍କୁ ସାକ୍ଷାତ କରିବାକୁ ଅପେକ୍ଷା କରିଥିଲେ। ଏହା ଦେଖି ପାଣ୍ଡିଆନ ତାଙ୍କ ପାଖକୁ ଯାଇ ଦୁଃଖ ଶୁଣିଥିଲେ। ଏହି ଦିବ୍ୟାଙ୍ଗ ବାଳିକାଙ୍କ ପାଠପଢ଼ିବା ପାଇଁ ଇଚ୍ଛା ଥିବାରୁ ତାଙ୍କୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେବା ସହ ସମସ୍ତ ଦରଖାସ୍ତ ଗ୍ରହଣ କରିଥିଲେ। ଏହି ଘଟଣା ସ୍ଥାନୀୟ ଜନସାଧାରଣଙ୍କୁ ପ୍ରଭାବିତ କରିଥିଲା।

### ଟ୍ରାଫିକ୍ ଜାମ୍, ପୋଲିସ ନାକେଦମ

"ସମାବେଶ ସମୟରେ ସାଲେପୁର-କୁଆଁପାଳ ରାସ୍ତା ଏକ ପ୍ରକାର ଜାମ ହୋଇଯାଇଥିଲା। ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ଏପରିକି ପୋଲିସ ଗୋଟେ ଛକରୁ ଆଉ ଗୋଟେ ଛକକୁ ଯିବା ପାଇଁ ମଧ୍ୟ ସକ୍ଷମ ହୋଇପାରି ନ ଥିଲା। ପ୍ରାୟ ଏକ ଘଣ୍ଟାକାଳ ମାହାଙ୍ଗାର ବିଭିନ୍ନ ରାସ୍ତା ଜାମ ହେବାରୁ ଗମନାଗମନରେ ବାଧା ଉପୁଜିଥିଲା।

### ମଞ୍ଚ ବାହାର ପଡ଼ିଆରେ ପିଇବା ପାଇଁ ପାଣି ମିଳିଲା ନାହିଁ

"କାର୍ତ୍ତିକ ପାଣ୍ଡିଆନଙ୍କ ସଭା ଠିକ୍ ୧୧ଟା ବେଳକୁ ଆରମ୍ଭ ହୋଇଥିବାବେଳେ ପଡ଼ିଆ ଭିତରେ ଥିବା ବହୁ ଜନସାଧାରଣ ଚେୟାରରେ ବସିଥିଲେ। ବାହାରେ ଖରାରେ ବହୁ ଲୋକ ବୁଲୁଥିବାବେଳେ ସେମାନଙ୍କ ବସିବା ପାଇଁ ଜାଗା ନଥିଲା। ଏପରିକି ପିଇବା ପାଣି ପର୍ଯ୍ୟାପ୍ତ ମିଳି ନଥିଲା। ସାହେଶ୍ୱରୀ ମନ୍ଦିର ବେଢ଼ା ଏବଂ ବିଭିନ୍ନ ଛାଇ ଜାଗାରେ ଲୋକେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଥିଲା।

### ମଞ୍ଚ ପାଖରେ ପହଞ୍ଚି ପାରିଲେନି କର୍ମୀ

"ସମାବେଶରେ ଯୋଗଦେବା ପାଇଁ ମାହାଙ୍ଗା ନିର୍ବାଚନମଣ୍ଡଳୀର ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ପ୍ରତି ପଞ୍ଚାୟତରୁ କର୍ମୀ ଓ ମହିଳାଙ୍କୁ ବିଜେଡି ସଭାକୁ ଡକାଯାଇଥିଲା। ୧୨ଟା ପରେ ରାସ୍ତା ଏଭଳି ଜାମ ହୋଇଥିଲା ଯେ ଦୀର୍ଘ ୨ କିମି ଚାଲି ଚାଲି ସଭାସ୍ଥଳ ନିକଟକୁ ଯିବାକୁ ପଡିଥିଲା। ଏହାଦେଖି ବହୁ କର୍ମୀ ଅଧାବାଟରୁ ଘରକୁ ଫେରିଯାଇଥିଲେ।

### ଗ୍ରୀଷ୍ମ ପ୍ରବାହକୁ ଜଳଛତ୍ର ଭରସା

"ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଗୋଟିଏ ସ୍ଥାନରେ ବହୁ ଜନ ସମାଗମ ହେବାରୁ ରାଜନୈତିକ ଉଷ୍ମତା ଠାରୁ ରୌଦ୍ରତାପ ଦୁଇଗୁଣିତ ହୋଇଥିଲା। ଫଳରେ ଲୋକମାନେ ବିଭିନ୍ନ ସ୍ଥାନରେ ଗଛ ଛାଇତଳେ ଖୋଲାଯାଇଥିବା ଜଳଛତ୍ର ନିକଟରେ ଆଶ୍ରୟ ନେଇଥିଲେ। ଏହାଛଡ଼ା ସଭା ନିକଟ ମନ୍ଦିର ବେଢ଼ା ଏବଂ ବିଭିନ୍ନ ଛାଇ ଜାଗାରେ ଲୋକେ ବସିଥିଲେ।

### ସଂଖ୍ୟାଲଘୁ, ମହିଳା ସଙ୍ଗଠନର ସମ୍ବର୍ଦ୍ଧନା

"ମାହାଙ୍ଗାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ମଞ୍ଚରେ ସମ୍ବର୍ଦ୍ଧନା ଦେଇଥିଲେ। ମାହାଙ୍ଗା ନିର୍ବାଚନମଣ୍ଡଳୀରେ ସଂଖ୍ୟାଲଘୁ ସମ୍ପ୍ରଦାୟ ବିଜେଡି ସହ ଅଛି ଓ ରହିବ ବୋଲି ସେମାନେ ପାଣ୍ଡିଆନଙ୍କୁ କହିଥିଲେ। ସେହିଭଳି ମହିଳାମାନେ ମଧ୍ୟ ଶଙ୍ଖର ଫୁଲମାଳ ପାଣ୍ଡିଆନଙ୍କୁ ଉପହାର ଦେଇଥିଲେ। ଏହି ସମୟରେ ଦର୍ଶକମାନଙ୍କ ମଧ୍ୟରେ କୋଳାହଳ ସୃଷ୍ଟି ହୋଇଥିଲା।

## ସଂକ୍ଷେପରେ

### ମା'ଡାହାଳିଆଣି ଦେବୀଙ୍କ ବାର୍ଷିକୋତ୍ସବ ଉଦ୍‌ଯାପିତ

ବେଗୁନିଆ,୨୦ା୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଭୋଗଡ଼ା ଗ୍ରାମସ୍ଥିତ ମା' ଡାହାଳିଆଣି ଦେବୀଙ୍କ ପୀଠରେ ତିନିଦିନ ଧରି ଚାଲିଥିବା ଷଷ୍ଠ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ପୀତବାସ ମିଶ୍ର ଶର୍ମାଙ୍କ ତତ୍ତ୍ୱାବଧାନରେ ସୌମେନ୍ଦ୍ର ସାମନ୍ତରାୟ, ରାଜଲକ୍ଷ୍ମୀ ସାମନ୍ତରାୟ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରଥମ ଦିନରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିନରେ କଳସ ଯାତ୍ରା ଓ ତୃତୀୟ ଦିନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ଗ୍ରାମବାସୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଅସନ୍ତୁଷ୍ଟ ଭାଜପା କର୍ମୀ ସମ୍ମିଳନୀ

ବୋଲଗଡ଼,୨୦ା୫(ଦେବବ୍ରତ ହୋତା)

ବୋଲଗଡ଼ ମଣ୍ଡଳ ଭାଜପାର ବରିଷ୍ଠ ସଦସ୍ୟମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଇଂ.କର୍ପୁର ସାହୁଙ୍କ ଆବାହକତ୍ୱରେ ମାଣିକାଗୋଡ଼ା ଶିବାନନ୍ଦ ମାର୍ଗଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା କର୍ମୀମାନେ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ବେଗୁନିଆ ବିଧାୟକ ପ୍ରାର୍ଥୀ ପ୍ରକାଶ ରଣବିଜୁଳିଙ୍କ ମନମୁଖୀ କାର୍ଯ୍ୟ ଓ ଭୁଲ ନର୍ବାଚନ ପରିଚାଳନାକୁ ବିରୋଧ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ଫାଇଦା ଉଠାଇବାରେ ଉଭୟ ପ୍ରାର୍ଥୀ ଅସଫଳ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏଥିସହ ବିଭିନ୍ନ ଅଭିଯୋଗ ଆଣିଥିଲେ। ଏହି ସମ୍ମିଳନୀରେ ଭାଜପାର ସଞ୍ଜୟ ମହାପାତ୍ର, ସଞ୍ଜୟ ବେହେରା, ଯୁଗଳ କିଶୋର ପ୍ରଧାନ, ଉପେନ୍ଦ୍ର ସୁବୁଦ୍ଧି, ସହଦେବ ସୁବୁଦ୍ଧି, ଅଜିତ କୁମାର ମହାପାତ୍ର, କୃଷ୍ଣଚନ୍ଦ୍ର ସ୍ୱାଇଁ, ନୀଳକଣ୍ଠ ପ୍ରଧାନ, କେଶବ ଚନ୍ଦ୍ର ସାହୁ, କିରଣ ପ୍ରଧାନ, ଆଲୋକ ମହାରଣା, ଅରବିନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିରେ ମିଶିଲେ ବହୁ ନେତା, କର୍ମୀ

ବେଗୁନିଆ,୨୦ା୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ଗ୍ରାମର ମା'ବ୍ରାହ୍ମଣୀ ଦେବୀଙ୍କ ପୀଠରେ ଭୁବନେଶ୍ୱର ଜୋନର ସାଧାରଣ ସମ୍ପାଦକଙ୍କ ଆବାହକତ୍ୱରେ ରବିବାର ରାତିରେ ବିଜେଡିର ସାଙ୍ଗଠନିକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି କର୍ମୀ ପ୍ରସନ୍ନ କୁମାର ତିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବହୁ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁଙ୍କ ପାଇଁ ବିଜେଡି ଏହି ନିର୍ବାଚନମଣ୍ଡଳୀରେ ଏକ ଶକ୍ତିଶାଳୀ ଦଳ ହୋଇପାରିଛି ବୋଲି ଯୋଗଦେଇଥିବା ନୂତନ କର୍ମୀ କହିଛନ୍ତି। ତେବେ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଏବଂ ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହିତ ରାଜ୍ୟର ବିକାଶରେ ସାମିଲ ହେବା ପାଇଁ କର୍ମୀମାନଙ୍କୁ ନିବେଦନ କରିଥିଲେ।

# ଭଡ଼ାଘରେ ଚାଲିଛି ଗଡ଼ମାଣତୀର ବିଟ୍ ହାଉସ

ବେଗୁନିଆ,୨୦ା୫(ସନ୍ଧ୍ୟାରାଣୀ ମିଶ୍ର)

- ବାରମ୍ବାର ଦାବି ସତ୍ତ୍ୱେ ମିଳୁନି ଫାଣ୍ଡି ମାନ୍ୟତା
- ରାମଚଣ୍ଡୀଙ୍କ ପୀଠରୁ ଆଣୁଛନ୍ତି ପିଇବା ପାଣି
- ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି




ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣତୀର ପୋଲିସ ବିଟ୍ ହାଉସକୁ ଫାଣ୍ଡିର ମାନ୍ୟତା ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏଠାରେ ପୋଲିସ କର୍ମଚାରୀଙ୍କ ଅଭାବ ଯୋଗୁ ସ୍ଥାନୀୟ ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିପାରୁ ନାହିଁ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏହି ବିଟ୍ ହାଉସ ଭଡ଼ାଘରେ ଚାଲୁଥିବା ବେଳେ ପିଇବା ପାଣିର ସୁବିଧା ନ ଥିବାରୁ ପୋଲିସ କର୍ମଚାରୀ ସ୍ଥାନୀୟ ରାମଚଣ୍ଡୀଙ୍କ ପୀଠରୁ ଆଣୁଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

ପ୍ରକାଶ ଯେ, ୧୯୮୭ ମସିହାରେ ଗଡ଼ମାଣତୀର, ଦେଉଳି, ଗୋବିନ୍ଦପୁର, ବୋତଳମା ଏବଂ ହୀରାପୁର ପଞ୍ଚାୟତକୁ ନେଇ ଏହି ପୋଲିସ ବିଟ୍ ହାଉସ କାର୍ଯ୍ୟ ଆରମ୍ଭ କରିଥିଲା। ସେବେଠାରୁ ଗଡ଼ମାଣତୀରଠାରେ ଏକ ଭଡାଘରେ ଏହି ବିଟ୍ ହାଉସ କାର୍ଯ୍ୟ କରୁଛି। ଉକ୍ତ ଘରେ ପିଇବା ପାଣିର ସୁବିଧା ନ ଥିବାରୁ କର୍ମଚାରୀମାନେ ମା'ରାମଚଣ୍ଡୀଙ୍କ ପୀଠରୁ ପାଣି ଆଣି ବ୍ୟବହାର କରୁଛନ୍ତି। ବିଟ୍ ହାଉସ ଅଧୀନରେ ଥିବା ୫ଟି ପଞ୍ଚାୟତରେ ବହୁ ଅପରାଧପ୍ରବଣ ଗ୍ରାମ ରହିଥିବା ବେଳେ ଏଠାରେ କର୍ମଚାରୀଙ୍କ ଅଭାବ ଲାଗିରହିଛି। ଏଠାରେ ଜଣେ ଏଏସ୍ଆଇ, ହାବିଲଦାର ଏବଂ ଦୁଇଜଣ କନ୍‌ଷ୍ଟେବଲ ରହିବା ପାଇଁ ସରକାରୀ ନିୟମ ଥିବାବେଳେ କେବଳ ଦୁଇଜଣ କନଷ୍ଟେବଲଙ୍କୁ ନେଇ ଏହି ବିଟ୍ ହାଉସ ବହୁ ବର୍ଷ କାର୍ଯ୍ୟ କରିବା ପରେ ଏବେ ଜଣେ ଏଏସ୍ଆଇ ଏବଂ ଜଣେ କନଷ୍ଟେବଲଙ୍କୁ ନିଯୁକ୍ତି ଦିଆଯାଇଛି। ବିଟ୍ ହାଉସ ଅଧୀନରେ ଥିବା ପଞ୍ଚାୟତଗୁଡ଼ିକରେ ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ଦିନକୁ ଦିନ ଅପରାଧ ମଧ୍ୟ ବୃଦ୍ଧି ପାଉଛି। ସେଥିପାଇଁ ଏହି ବିଟ୍ ହାଉସକୁ ଫାଣ୍ଡିରେ ପରିଣତ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗଡ଼ମାଣତୀର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଟ୍ ହାଉସ ବିଲ୍ଡିଂ ନିର୍ମାଣ ହେବା ପାଇଁ ସ୍ଥାନ ସଂରକ୍ଷିତ ଥିବାବେଳେ ସେଠାରେ ଏକ ଲୁହା ବୋର୍ଡ ଲଗାଯାଇଥିଲା। ଏବେ ଉକ୍ତ ଲୁହା ବୋର୍ଡଟିକୁ ସେଠାରୁ କେହି ନେଇଯାଇଛି। ଅନ୍ୟପକ୍ଷରେ ମା'ରାମଚଣ୍ଡୀଙ୍କ ପୀଠକୁ ପର୍ଯ୍ୟଟକମାନେ ଦୈନନ୍ଦିନ ଆସିଥାନ୍ତି। କିନ୍ତୁ ବିଟ୍ ହାଉସରେ କର୍ମଚାରୀଙ୍କ ଅଭାବ ଯୋଗୁ ମନ୍ଦିର ନିକଟରେ ଅନେକ ସମୟରେ ଏଠାରେ ଆଇନଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେଉଥିବା ନଜିର ରହିଛି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବା ସହ ତୁରନ୍ତ ଏହି ପୋଲିସ ବିଟ୍ ହାଉସକୁ ଫାଣ୍ଡିରେ ପରିଣତ କରିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ନବୀନଙ୍କ ଉପରେ ଲୋକଙ୍କ ଆସ୍ଥା, ବିଶ୍ୱାସ ରହିଛି



ସମ୍ମିଳନୀରେ ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁ ଉଦ୍‌ବୋଧନ ଦେଉଛନ୍ତି।

ଖୋର୍ଦ୍ଧା,୨୦ା୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଗୁରୁଜଙ୍ଗର ୪ଟିଓ୍ୱାର୍ଡ ୧୬, ୧୭, ୧୮ ଓ ୧୯ରେ ସ୍ଥାନୀୟ କାଉନସିଲରମାନଙ୍କ ଉପସ୍ଥିତିରେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ସାହୁ ମାରାଥନ ପ୍ରଚାର ସହ କର୍ମୀ ସମ୍ମିଳନୀରେ ଯୋଗଦେଇ ଶଙ୍ଖଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ରାଜେନ୍ଦ୍ର କହିଥିଲେ, ୨୪ବର୍ଷରେ ଓଡ଼ିଶାର ଦ୍ରୁତ ବିକାଶ ଘଟିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ହକି ମହାକୁମ୍ଭ ଆୟୋଜନ କରି ଇତିହାସ ରଚିଲେ। ଗ୍ରାମୀଣ ସଂସ୍କୃତି, ପରମ୍ପରା, ଭାଗବତ ଟୁଙ୍ଗିର ପୁନରୁଦ୍ଧାର, କଳାକାର ଭତ୍ତା ବୃଦ୍ଧି, କ୍ରୀଡା ଭିତ୍ତିଭୂମି, ଶିଳ୍ପର ଅଭିବୃଦ୍ଧି ସହ ନିଯୁକ୍ତି ହାର ମଧ୍ୟ ବଢ଼ିଛି। ନବୀନଙ୍କ ସ୍ୱାସ୍ଥ୍ୟବୀମା ଯୋଜନା ଗରିବ, ସାଧାରଣବର୍ଗର ଲୋକଙ୍କ ମୁଖରେ ହସ ଫୁଟାଇଛି। ନବୀନ ଜୁନ ୯ତାରିଖରେ ମୁଖ୍ୟମନ୍ତ୍ରୀଭାବେ ଶପଥ ନେବା ପରେ ଜୁଲାଇରୁ ୯୦ପ୍ରତିଶତ ଲୋକଙ୍କୁ ଶହେ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ ଦେବାକୁ ପଡିବ ନାହିଁ। ଅନେକ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, ନିର୍ବାଚନ ଆସିଲେ ଅନେକ ନେତା ଆସନ୍ତି ଆଉ ବିଭିନ୍ନ ପ୍ରତିଶ୍ରୁତି ଦିଅନ୍ତି। ନିର୍ବାଚନ ପରେ ସେମାନଙ୍କ ଆଉ ଦେଖା ମିଳିନଥାଏ। ଓଡ଼ିଶାର ଜନତା ନୀବନଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖିଛନ୍ତି। ବିପୁଳ ଭୋଟରେ ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସେ ନିବେଦନ କରିଥିଲେ।

# ସାଧାରଣ ପର୍ଯ୍ୟବେକ୍ଷକଙ୍କ ଏମ୍‌ସିଏମ୍‌ସି କେନ୍ଦ୍ର ପରିଦର୍ଶନ



ଖୋର୍ଦ୍ଧା,୨୦ା୫(ପ୍ରଭାତ ପାଣିଗ୍ରାହୀ)

ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା ବିଧାନସଭା କ୍ଷେତ୍ର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଟି.ଭି ସୁଭାଷ ସୋମବାର ଖୋର୍ଦ୍ଧା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ସେଠାରେ ଚାଲୁଥିବା ମିଡିଆ ସାର୍ଟିଫିକେଶନ ଆଣ୍ଡ ମନିଟରିଂ କମିଟି (ଏମ୍‌ସିଏମ୍‌ସି) କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ପ୍ରିଣ୍ଟ ମିଡିଆ, ଇଲେକ୍ଟ୍ରୋନିକ ମିଡିଆ, ସୋସିଆଲ ମିଡିଆରେ ପ୍ରକାଶିତ ଖବର ଉପରେ ଦୃଷ୍ଟି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହାର ତଥ୍ୟ ପର୍ଯ୍ୟବେକ୍ଷକମାନଙ୍କୁ ନିୟମିତ ପ୍ରଦାନ କରାଯାଉଥିବା ଜାଣି ସନ୍ତୋଷ ପ୍ରକାଶ କରିଥିଲେ। ସେହିଭଳି ପ୍ରିଣ୍ଟ, ବୈଦ୍ୟୁତିକ ଗଣମାଧ୍ୟମ ଓ ସୋସିଆଲ ମିଡିଆକୁ ନିୟମିତ ଅନୁଧ୍ୟାନ କରି ପେଡ୍ ନିଉଜଗୁଡ଼ିକ ଉପରେ ଇସିଆଇର ନିର୍ଦ୍ଦେଶନାମା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ବେଳେ ଚିଲିକା ବିଧାନସଭା ନିର୍ବାଚନ ମଣ୍ଡଳୀ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଡେପୁଟି କଲେକ୍ଟର ଟୁଲ୍ଲି ଆମା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକଙ୍କୁ ଏମ୍‌ସିଏମ୍‌ସିର ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ। ଏହି ପରିଦର୍ଶନ ସମୟରେ ପର୍ଯ୍ୟବେକ୍ଷକଙ୍କ ଲିଆସନିଙ୍ଗ ଅଫିସର ଶିବଲାଲ ସାହୁ ଉପସ୍ଥିତ ଥିଲେ। ସୂଚନାଥାଉ କି, ସୁଭାଷ ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା, ନୟାଗଡ଼ ଓ ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ କାର୍ଯ୍ୟର ପର୍ଯ୍ୟବେକ୍ଷଣ ଓ ଅନୁଧ୍ୟାନ କରୁଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ବାଘମାରୀ ବିଜୟୀ

ବେଗୁନିଆ,୨୦ା୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମରେ ସୁନୀଲ କୁମାର ମେମୋରିଆଲ ଇଲେଭେନ କ୍ରିକେଟ ଆସୋସିଏଶନ ପକ୍ଷରୁ ରାତ୍ରିକାଳୀନ ହଙ୍ଗାମା କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ୬ ଓଭର ବିଶିଷ୍ଟ ମ୍ୟାଚରେ ତଳଗଡ, ପଙ୍ଗାରସିଂହ, କୁରାଢ଼ିଲୋ, ବାଘମାରୀ, ଜୟମଙ୍ଗଳ, ଗୌଡପୁଟ କେରଙ୍ଗ ଓ ପୋଡାଡିହ ଆଦି ଗ୍ରାମର କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ସଭାରେ ପୋଡ଼ାଡିହ ସେବା ସମବାୟ ସମିତିର ସଭାପତି ସୁଦର୍ଶନ ମାଣିକ, ସାମାଜିକର୍ମୀ ବାଉରି ଶ୍ରୀଚନ୍ଦନ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ବାଘମାରୀ ଟିମକୁ ୩ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ କେରଙ୍ଗ ଟିମକୁ ୨ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ମାନସ ମହାନ୍ତି ଓ ବିନୟ କୁମାର ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଆସୋସିଏଶନର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ସଚ୍ଚିଦାନନ୍ଦ ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା

ଭୁବନେଶ୍ୱର, ୨୦ା୫ (ବନ୍ଦନା ସେଠୀ)

କବି ସଚ୍ଚିଦାନନ୍ଦ ରାଉତରାୟ ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା। ଓଡିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ଅଲେଖ ଚନ୍ଦ୍ର ପଢିଆରୀ ଏହା କହିଛନ୍ତି। ପ୍ରେମଲତା ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଡ. ଆରତି କର, ମିନତୀ ଷଡ଼ଙ୍ଗୀ, ପ୍ରଭାତ କୁମାର ନନ୍ଦ, ଡ. ଉପେନ୍ଦ୍ର ପ୍ରସାଦ ନାୟକ, ବିରଜା ପ୍ରସାଦ ଶତପଥୀ ପ୍ରମୁଖ ଯୋଗଦେଇ, କବି ରାଉତରାୟ ଏକାଧାରରେ ଜଣେ ସାର୍ଥକ ଗଳ୍ପ ଲେଖକ, ଔପନ୍ୟାସିକ, ପ୍ରାବନ୍ଧିକ, ସମାଲୋଚକ ଓଡିଆ କାବ୍ୟ ସାହିତ୍ୟରେ ପ୍ରଗତିବାଦୀ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ବୋଲି କହିଥିଲେ। କବି ରାଉତରାୟଙ୍କ କବିତା ଛୋଟ ମୋର ଗାଆଁଟି, ବାଜି ରାଉତ, ଗଳ୍ପ ଅନ୍ଧାରୁଆ, ମସାଣୀର ଫୁଲ ଆଦି ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ ବୋଲି ମତ ପ୍ରକାଶ ପାଇଥିଲା। ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଇଜିଂ ଟାଲେଣ୍ଟସ ବିଜୟୀ

ବୋଲଗଡ଼,୨୦ା୫(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ବେଣାଗାଡିଆ ଗ୍ରାମ ଭାଗବତ ଦେବ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ପଞ୍ଚାୟତ ପ୍ରିମିୟର ଲିଗ୍ (ପିପିଏଲ) ଟୁର୍ନାମେଣ୍ଟରେ ସୋମବାର କିସମତ ଇଲେଭେନ ଓ ରାଇଜିଂ ଟାଲେଣ୍ଟସ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି କିସମତ ଇଲେଭେନ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ରାଇଜିଂ ଟାଲେଣ୍ଟସ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୨ଉଇକେଟ ବିନିମୟରେ ୧୯୮ରନ ସଂଗ୍ରହ କରିଥିଲା। ଜବାବରେ କିସମତ ଇଲେଭେନ ଟିମ୍ ୧୦.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ରାଇଜିଂ ଟାଲେଣ୍ଟସ ଟିମ୍ ମ୍ୟାଚ ବିଜୟୀ ହେବା ସହ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ବିକାଶ ଜେନା ଓ ରାକେଶ ଦଳାଇ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ, ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ସୁବାସ ରାୟଗୁରୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ବେଣାଗାଡ଼ିଆ ଗ୍ରାମର ଏଭରଗ୍ରୀନ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# ଛତ୍ରପଡ଼ାରେ ଜମୁଛି ରାମଲୀଳା ନାଟକ

ବେଗୁନିଆ,୨୦ା୫(ହର ପ୍ରସନ୍ନ ପଣ୍ଡା)

ରାମାୟଣ କଥାବସ୍ତୁକୁ ନେଇ ମୁକ୍ତ ରଙ୍ଗମଞ୍ଚରେ ଗୀତ ଓ ନୃତ୍ୟ ଆକାରରେ ବେଗୁନିଆ ବ୍ଲକ ଛତ୍ରପଡା ଗ୍ରାମରେ ପରିବେଷଣ ହେଉଛି ରାମଲୀଳା ନାଟକ ଉତ୍ସବ। ଗ୍ରାମବାସୀଙ୍କ ସହଯୋଗରେ ରଘୁନାଥ ନାଟ୍ୟ କଳା ପରିଷଦର କଳାକାରମାନଙ୍କୁ ନେଇ ରବିବାର ରାତିରେ ରାମ ବନବାସ ଲୀଳା ସଂଳାପ ପରିବେଷଣ ହୋଇଥିଲା। ପିତା ଦଶରଥଙ୍କ ସତ୍ୟପାଳନ କରି ପ୍ରଭୁ ରାମଚନ୍ଦ୍ର, ସହଧର୍ମିଣୀ ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କ ସହିତ ୧୪ ବର୍ଷ ବନବାସ ପାଇଁ ବାହାରିଲେ। ବନ ଭିତରେ ଗୁହ ସବର ସହିତ ଭେଟ ହୋଇଥିଲା। ବୁଲି ବୁଲି ଥକି ପଡିଥିବା ରାମଚନ୍ଦ୍ର ସବର ହାତରୁ ଫଳମୂଳ ଖାଇ ଭୋକ ମେଣ୍ଟାଇଥିଲେ। କିଛିଦିନ ପରେ ଭରଦ୍ୱାଜ ମୁନିଙ୍କ ଆଶ୍ରମରେ ଭେଟ ହୋଇଥିଲା। ପରେ ଚିତ୍ରକୁଟ ପର୍ବତମାଳାରେ ବାସ କରିଥିଲେ। ରଥରେ ବସାଇ ରାମଚନ୍ଦ୍ରଙ୍କୁ ବନକୁ ନେଇଥିବା ଦୂତଠାରୁ ଖବର ପାଇ ପିତା ଦଶରଥ ଚିନ୍ତାରେ ପଡିଥିଲେ। ଶେଷରେ ପୁତ୍ର ଶୋକରେ ପିତା ଦଶରଥ ଆଖି ବୁଜିଥିଲେ। ପରେ ଅଯୋଧ୍ୟା ନଗରୀର ରାଜ ସିଂହାସନରେ ବସିବାକୁ ପ୍ରଭୁ ରାମଚନ୍ଦ୍ର ଯୋଗ୍ୟ ବିବେଚିତ। ବନବାସରୁ ଫେରାଇ ଆଣିବାକୁ ସାନ ଭାଇ ଭରତ, ଶତ୍ରୁଘ୍ନ,



ମାତାଗଣଙ୍କ ସହିତ ପ୍ରଜାମାନେ ବନ ଗମନ କରିଥିଲେ। ରାମଚନ୍ଦ୍ରଙ୍କୁ ଭେଟି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିବା ପାଇଁ ବାଧ୍ୟ କରିଥିଲେ। ହେଲେ ପିତୃସତ୍ୟ ପାଳନ ପାଇଁ ୧୪ବର୍ଷ ପୂରଣ ନ ହେବା ଯାଏ ପ୍ରତ୍ୟାବର୍ତ୍ତନ କରିବେ ନାହିଁ ବୋଲି ରାମଚନ୍ଦ୍ର କହିଥିଲେ। ଶେଷରେ ସାନ ଭାଇ ନେହୁରା ହେବାରୁ ରାମଚନ୍ଦ୍ର ତାଙ୍କର ପାଦୁକା ଭରତଙ୍କୁ ପ୍ରଦାନ କରିଥିଲେ। ପାଦୁକା ଘେନି ଭରତ ଏବଂ ପ୍ରଜାଗଣ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। ରାଜ ସିଂହାସନରେ ପାଦୁକା ରଖି ଭରତ ଅଯୋଧ୍ୟା ନଗରୀର ଶାସନ ଆରମ୍ଭ କରିଥିଲେ। ସେତିକିରେ ନାଟକର ଦୃଶ୍ୟ ଶେଷ ହୋଇଥିଲା।

# ଖୋର୍ଦ୍ଧା କପ୍ ଉଦ୍‌ଯାପିତ



ଖୋର୍ଦ୍ଧା,୨୦ା୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଖୋର୍ଦ୍ଧା କ୍ରିକେଟ ଆନୁକୂଲ୍ୟରେ ଖୋର୍ଦ୍ଧା କପ୍-୨୦୨୪ ଟେନିସ ବଲ ହଙ୍ଗାମା ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ପୌର ପରିଷଦର ୨୪ଟି ଟିମ୍ ଭାଗ ନେଇଥିଲେ। ତିନିଟି ଗ୍ରୁପରେ ଖେଳ ହୋଇଥିଲା। ଓ୍ୱାର୍ଡ ୧୩ ଚାମ୍ପିୟନ, ଓ୍ୱାର୍ଡ ୧୬ ପ୍ରଥମ ରନର୍ସଅପ୍ ଏବଂ ଓ୍ୱାର୍ଡ ୨୧ ଦିତୀୟ ରନର୍ସ ଅପ ହୋଇଥିଲା। ବେଷ୍ଟ ବ୍ୟାଟ୍ସମ୍ୟାନଭାବେ ଜିତେନ ଜେନା, ବେଷ୍ଟ ବୋଲର ଭବାନୀ ମହାନ୍ତି ଓ ଇମର୍ଜିଂ ଖେଳାଳିଭାବେ ବିକାଶ କୁମାର ବେହେରା ପୁରସ୍କୃତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ସାମାଜିକକର୍ମୀ ଭବାନୀ ଶଙ୍କର ପଣ୍ଡା, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ଆଇନଜୀବୀ ଅବ୍ୟକ୍ତ ହରିହର ଖାଡଙ୍ଗା, ବିଜେଡି ଗଣମାଧ୍ୟମ ଜିଲା ସଂଯୋଜକ ଲଳିତ ମୋହନ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ରାଜେନ୍ଦ୍ର କୁମାର ସାହୁ ଏହି ଖେଳ ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନିର୍ଣ୍ଣାୟକ ଭୂମିକା ନେବେ ଟାଙ୍ଗୀ ଭୋଟର

ଖୋର୍ଦ୍ଧା,୨୦ା୫(ପ୍ରଭାତ ପାଣିଗ୍ରାହୀ)

**ଖୋର୍ଦ୍ଧା ବିଧାନସଭା ଆସନ**

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅର୍ଥାତ୍ ଆସନ୍ତା ୨୫ ତାରିଖରେ ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ମତଦାନ ହେବ। ଏହି ଆସନ ପାଇଁ ବିଜେଡିରୁ ରାଜେନ୍ଦ୍ର ସାହୁ, ଭାଜପାରୁ ପ୍ରଶାନ୍ତ ଜଗଦ୍ଦେବ, କଂଗ୍ରେସରୁ ସୋନାଲି ସାହୁ, ସ୍ୱାଧୀନରୁ କାଳୁଚରଣ ଖଣ୍ଡାୟତରାୟଙ୍କ ସମେତ ୧୦ପ୍ରାର୍ଥୀ ରହିଛନ୍ତି। ତେବେ ଏହି ଆସନ ହାତେଇବା ପାଇଁ ବିଭିନ୍ନ ଦଳୀୟ ପ୍ରାର୍ଥୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ତେବେ ଭାଜପା ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେବାର ସମ୍ଭାବନା ରହିଛି। ଗତ ରବିବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଖୋର୍ଦ୍ଧା ଗସ୍ତ ପରେ ଭାଜପା କର୍ମୀଙ୍କ ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ସେହିପରି ଆଗାମୀ ଦିନରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଖୋର୍ଦ୍ଧା ଗସ୍ତ ରହିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସଫଳ ପାଇଁ ବିଜେଡି ପକ୍ଷରୁ ଘନ ଘନ ବୈଠକ ଚାଲିଛି। ସେପଟେ କଂଗ୍ରେସ ପ୍ରାର୍ଥୀ ବିଭିନ୍ନ ସମସ୍ୟା, ପ୍ରସଙ୍ଗ ଉଠାଇ ବିରୋଧୀଙ୍କୁ ଟାର୍ଗେଟ କରୁଛନ୍ତି।

ଖୋର୍ଦ୍ଧା ବିଧାନସଭା ଆସନ ଖୋର୍ଦ୍ଧା ବ୍ଲକ, ପୌର ପରିଷଦ ଏବଂ ଟାଙ୍ଗୀ ବ୍ଲକକୁ ନେଇ ଗଠିତ। ପ୍ରାର୍ଥୀ ବିଜୟୀ ହେବାରେ ଟାଙ୍ଗୀ ବ୍ଲକର ଭୋଟର ସର୍ବଦା ନିର୍ଣ୍ଣାୟକ ଭୂମିକା ନେଇଥାନ୍ତି। ଏହି ନିର୍ବାଚନମଣ୍ଡଳୀର ଅଧାରୁ ଅଧିକ ଭୋଟର କେବଳ ଏହି ବ୍ଲକରେ ରହିଛନ୍ତି। ଏହି ବ୍ଲକ ଭୋଟରଙ୍କ ଉପରେ ପ୍ରାର୍ଥୀମାନଙ୍କ ନଜର ରହିଥିବା ବେଳେ ଏଥର ବିଭିନ୍ନ ଦଳରେ ଗୋଷ୍ଠୀ କନ୍ଦଳ, ଦଳଡିଆଁ ଯୋଗୁ ଭୋଟର ଭାଗ ଭାଗ ହୋଇଯାଇଛନ୍ତି। ଏହି ବ୍ଲକକୁ ବିଜେଡିର ଗଡ଼ କୁହାଯାଉଥିବା ବେଳେ ଏବେ ଏଠାରୁ ଭାଜପାରୁ ଜଗଦ୍ଦେବ ଏବଂ ସ୍ୱାଧୀନ ପ୍ରାର୍ଥୀ କାଳୁଙ୍କ ବେଶ୍ ଲୋକପ୍ରିୟତା ରହିଛି। ତେବେ ଚଳିତ ନିର୍ବାଚନରେ ଏହି ବ୍ଲକର ଭୋଟର କେଉଁ ପ୍ରାର୍ଥୀଙ୍କ ଉପରେ ଭରସା କରିବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ନିଜ ସମର୍ଥକ, କର୍ମୀଙ୍କୁ ନେଇ ରାଜେନ୍ଦ୍ର, ଜଗଦ୍ଦେବ ଏବଂ କାଳୁ ଏଠାରେ ଏକପ୍ରକାର ଡେରା ପକାଇଛନ୍ତି। ଦିନରାତି ଏହି ବ୍ଲକର ଏକାଧିକ ଗାଁରେ ଚାଲିଛି ପ୍ରଚାର, ଶୋଭାଯାତ୍ରା। ଗତ ନିର୍ବାଚନକୁ ଦେଖିଲେ ଏଠାରୁ ଅତୀତରେ ବିଜେଡି ପ୍ରାର୍ଥୀ ଅଧିକ ଭୋଟ ପାଇଥିବା ବେଳେ ଚଳିତ ନିର୍ବାଚନରେ ସମୀକରଣ ବଦଳିବା ସମ୍ଭାବନା ରହିଛି।

### ଅସନ୍ତୁଷ୍ଟ ସାଜିପାରନ୍ତି କଣ୍ଟା

ଖୋର୍ଦ୍ଧା ଆସନ ଦୀର୍ଘବର୍ଷ ଧରି ବିଜେଡି ହାତରେ ରହିଛି। ୨୦୧୯ରେ ଦଳରୁ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ବିଧାୟକ ଅଛନ୍ତି। ତେବେ ଚଳିତ ନିର୍ବାଚନରେ ମିତ୍ରଙ୍କ ପରିବର୍ତ୍ତେ ଦଳ ରାଜେନ୍ଦ୍ରଙ୍କୁ ପ୍ରାର୍ଥୀ କରିଛି। ମିତ୍ର ଦଳରେ ରହିଥିଲେ ମଧ୍ୟ ତାଙ୍କର ବହୁ ସମର୍ଥକ, କର୍ମୀ ଭାଜପାରେ ଯୋଗଦେଇଛନ୍ତି। ଏପରିକି ତାଙ୍କୁ କୌଣସି ସଭା, କର୍ମୀ ସମ୍ମିଳନୀରେ ଦେଖିବାକୁ ମିଳୁନାହିଁ। ସେହିପରି ଭାଜପା କାଳୁଚରଣଙ୍କ ପରିବର୍ତ୍ତେ ଚିଲିକା ବିଧାୟକ ତଥା ଭାଜପାରେ ଯୋଗଦେଇଥିବା ପ୍ରଶାନ୍ତ ଜଗଦ୍ଦେବଙ୍କ ପ୍ରାର୍ଥୀ କରିଛି। ଦଳ ଉପରେ ଅସନ୍ତୋଷ ପ୍ରକାଶ କରି କାଳୁଚରଣ ଦଳରୁ ଇସ୍ତଫା ଦେବା ସହ ସ୍ୱାଧୀନ ଭାବେ ଲଢୁଛନ୍ତି। ଏଠାରେ କାଳୁଙ୍କ ପ୍ରତି ଲୋକଙ୍କ ଭଲପାଇବା ଦେଖି ଭାଜପା ଏବଂ ବିଜେଡି ଆଶଙ୍କା ପ୍ରକାଶ କରିଛି। ସେପଟେ ବିଜେଡିରୁ ବାସନ୍ତୀ ମହାପାତ୍ର ଦଳ ଛାଡି ଭାଜପାରେ ଯୋଗଦେଇଛନ୍ତି। ତେବେ ଅସନ୍ତୁଷ୍ଟମାନେ ଦଳ ବହୁକ୍ଷତି କରିପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

